# ପାର୍ବଣରେ ବଢୁଛି ଶବ୍ଦ, ଜଳ ପ୍ରଦୂଷଣ

- ଡିଜେ ପାଇଁ ୧୫ ଅସୁସ୍ଥ ହୋଇଥିଲେ
- ପାଟକୁରା ଥାନାରେ ମାମଲା ରୁଜୁ
- ମୂର୍ତ୍ତି ବିସର୍ଜନ ପରେ ବିଷାକ୍ତ ହେଉଛି ଜଳ

**କେନ୍ଦ୍ରାପଡ଼ା, ୩୦।୯ (ଜଗନ୍ନାଥ ଧଳ)**

ଗଣେଶ ପୂଜା ଠାରୁ ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ । ଏହି ପୂଜା ପାର୍ବଣରେ ଉଚ୍ଚ ସ୍ୱରରେ ମାଇକ ବାଜିବା ଶବ୍ଦ ପ୍ରଦୂଷିତ କରୁଥିବା ବେଳେ ମୂର୍ତ୍ତି ନିର୍ମାଣରେ ବ୍ୟବହୃତ ରାସାୟନିକ ରଙ୍ଗ, ପ୍ଲାଷ୍ଟିକ ବ୍ୟବହାର, ଭସାଣି ଶୋଭାଯାତ୍ରାରେ ଆତସବାଜି ଆଦି ପରିବେଶ ଓ ଜନଜୀବନକୁ ପ୍ରଭାବିତ କରୁଛି । ନିକଟରେ ଗଣେଶ ଭସାଣି ସମୟରେ ଗରଦପୁର ବ୍ଲକ ପାଟକୁରା ଥାନା ଅଞ୍ଚଳର ୧୫ ଜଣ ବ୍ୟକ୍ତି ଡିଜେର ଉଚ୍ଚ ଶବ୍ଦ ପାଇଁ ଅସୁସ୍ଥ ହୋଇଛନ୍ତି । ୨ ଜଣ ଗୁରୁତର କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଏନେଇ ଥାନାରେ ମାମଲା ରୁଜୁ ହୋଇଛି।

ପରିବେଶ ଅନୁକୂଳ ମୂର୍ତ୍ତି ଗଠନ ପାଇଁ କେନ୍ଦ୍ରାପଡ଼ା ଜିଲା ଜନ ସୁରକ୍ଷା ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ ଗତ ଶୁକ୍ରବାର ଉପଜିଲାପାଳଙ୍କ ସ୍ମାରକପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ମଞ୍ଚ ସଭାପତି ସାମଲ ଏଥିରେ ଦର୍ଶାଇଛନ୍ତି, ଏବେ ପାର୍ବଣ ଋତୁ ଚାଲିଛି। ବିଭିନ୍ନ ପୂଜା ପାର୍ବଣ ପାଇଁ ମୂର୍ତ୍ତି ଗଠନ ହେଉଛି। ତେବେ ଏହି ମୂର୍ତ୍ତି ଗଠନ ସମୟରେ ପ୍ଲାଷ୍ଟର ଅଫ୍ ପ୍ୟାରିସ ଓ କେତେକ ରାସାୟନିକ ରଙ୍ଗ ବ୍ୟବହାର ହେଉଛି । ଏହାଦ୍ୱାରା ମୂର୍ତ୍ତି ବିସର୍ଜନ ପରେ ଜଳ ପ୍ରଦୂଷିତ ହେଉଛି । ଯାହା ଜଳଚର ଜୀବଙ୍କ ପାଇଁ ହାନିକାରକ। ପରିବେଶବିତ୍ ଲକ୍ଷ୍ମୀଧର ସ୍ୱାଇଁ କୁହନ୍ତି, ମୂର୍ତ୍ତି କାରିଗରମାନେ ପ୍ଲାଷ୍ଟର ଅଫ୍ ପ୍ୟାରିସ, କାଡମିୟମ, ଲିଡ୍, କପର, ଜିଙ୍କ, ପାରଦ, କ୍ରୋମିୟମ ଆଦି ରାସାୟନିକ ଦ୍ରବ୍ୟକୁ ବ୍ୟବହାର କରୁଛନ୍ତି। ଏହି ପଦାର୍ଥ ଜଳରେ ମିଳାଇ ନ ଯାଇ ଅଧିକ ସମୟ ରହିଥାଏ । ଫଳରେ ଏହି ରାସାୟନିକ ଦ୍ରବ୍ୟର ସଂସ୍ପର୍ଶରେ ଆସି ଜଳଚର ଜୀବ ମୃତ୍ୟୁମୁଖରେ ପଡିଥାନ୍ତି। ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କୁହନ୍ତି, ସାମ୍ପ୍ରତିକ ସମୟରେ ପର୍ବପର୍ବାଣୀ ପାଳନରେ ପ୍ରତିଦ୍ୱନ୍ଦିତା ବଢୁଛି । ପୂଜା ସମୟରେ ଆଲୋକ ସାଜସଜ୍ଜା, ଟ୍ରାଫିକ ସମସ୍ୟା, ଭସାଣି ସମୟରେ ଡିଜେର କୁପ୍ରଭାବ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି । ଭସାଣୀ ସମୟରେ ଡିଜେ ବାଦ୍ୟ ହୃଦ୍‌ରୋଗୀଙ୍କ ପାଇଁ ଆତଙ୍କ ସୃଷ୍ଟି କରିଛି। ସେହିପରି ପୂଜା ସରିବା ପରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରତି ଧ୍ୟାନ ଦିଆଯାଉନାହିଁ। ପଣ୍ଡିତ ହୃଷିକେଶ ରଥ କୁହନ୍ତି, ପୁରାଣ ଓ ବ୍ରତରେ ମୂର୍ତ୍ତି ନିର୍ମାଣ ପାଇଁ ବିଧି ବ୍ୟବସ୍ଥା ଅଛି । ଏହି ମୂର୍ତ୍ତି ସାଧାରଣରେ ସୁନା, ରୁପା, ପିତଳ, ପଥର ଆଦି ସହ ମାଟିରେ ନିର୍ମାଣ ହୁଏ । ମାଟି ମୂର୍ତ୍ତିକୁ ବିସର୍ଜନ କରାଯାଏ । ମୂର୍ତ୍ତିକୁ ଆକର୍ଷଣୀୟ କରିବା ପାଇଁ ପୂର୍ବରୁ ପ୍ରାକୃତିକ ସରଞ୍ଜାମ ବ୍ୟବହାର କରାଯାଉଥିଲା । ଯାହା ଜୀବଜଗତ ପାଇଁ କୌଣସି କ୍ଷତି ନ ଥିଲା। ଡିଜେ ମାଲିକ ସ୍ୱପ୍ନାଂଶୁ କୁମାର ସାହୁ କହିଛନ୍ତି, ଉଚ୍ଚ ଶବ୍ଦ ପରିବେଶକୁ ଅଶାନ୍ତ କରୁଛି। ତେବେ ଏହି ବାଦ୍ୟ ଯନ୍ତ୍ର ପ୍ରତି ଯୁବସମାଜ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି। ଗୋଟିଏ ଡିଜେ ଯନ୍ତ୍ର ଶତାଧିକ ଲୋକଙ୍କ ପରିବାର ଚଳାଉଛି । ଏଥିରେ ସାଧାରଣ କଳାକାର, ଶ୍ରମିକ, ବାଦ୍ୟ ଯନ୍ତ୍ର ଉତ୍ପାଦନକାରୀଙ୍କ ପେଟ ପୁରୁଥିବା ସେ ମତ ଦେଇଛନ୍ତି । ମୂର୍ତ୍ତି ଗଠନ ସମ୍ପର୍କରେ କାରିଗର କୈଳାସ ମହାରଣା କୁହନ୍ତି, ସ୍ୱଳ୍ପ ସମୟ, ଅଳ୍ପ ଧନ ବ୍ୟୟରେ ସୁନ୍ଦର ମୂର୍ତ୍ତି ନେବା ପାଇଁ ଶ୍ରଦ୍ଧାଳୁ ସର୍ବଦା ଚାହିଁଥାନ୍ତି । ଏକ୍ଷେତ୍ରରେ ପ୍ଲାଷ୍ଟର ଅଫ୍ ପ୍ୟାରିସ ଓ ବଜାରରୁ ମିଳୁଥିବା ରଙ୍ଗକୁ ବ୍ୟବହାର କରିବାକୁ ପଡେ। ତେବେ ବଡ ମୂର୍ତ୍ତି ନିର୍ମାଣ କ୍ଷେତ୍ରରେ ମାଟି ଓ ନଡ଼ାକୁ ପ୍ରାଧାନ୍ୟ ଦେଇଛୁ । ସାମାଜିକ କର୍ମୀ ବାନାମ୍ବର ସାହୁ କୁହନ୍ତି, ମୂର୍ତ୍ତିର ଆକର୍ଷଣୀୟ ରୂପ ପାଇଁ ଜୈବିକ ରଙ୍ଗର ବ୍ୟବହାର କରିବା ଦରକାର ସେହିପରି ପରିବେଶ ଅନୁକୂଳ ଓ ଜଳଚରିଜୀବଙ୍କ ଖାଦ୍ୟକୁ ବ୍ୟବହାର କରି ମୂର୍ତ୍ତି ଗଠନ ହୋଇପାରିବ । ଛୋଟ ମୂର୍ତ୍ତି ଗଠନ ସମୟରେ ପ୍ଲାଷ୍ଟର ଅଫ୍ ପ୍ୟାରିସ ବଦଳରେ ମଇଦା, ଅଟା, ମକା, ବାଜରା ଓ ଅନାନ୍ୟ ଖାଦ୍ୟ ପଦାର୍ଥକୁ ନେଇ ମୂର୍ତ୍ତି ଗଠନ କରିପାରିବା । ସେହିପରି ହଳଦୀ, ଚନ୍ଦନ, କାଜଳ, ଗେରୁ ରଙ୍ଗ, ଫୁଲ ପତ୍ର ମାଧ୍ୟମରେ ମୂର୍ତ୍ତିର ସୌନ୍ଦର୍ଯ୍ୟ ଅଣା ଯାଇପାରିବ । ଫଳରେ ମୂର୍ତ୍ତି ବିସର୍ଜନ ପରେ ଜଳଚର ଜୀବ ଏହାକୁ ଖାଦ୍ୟ ଭାବେ ଗ୍ରହଣ କରିପାରିବେ । ଏସମ୍ପର୍କରେ ଜନ ସଚେତନତା ସୃଷ୍ଟି ନ ହେଲେ ଜଳ ପ୍ରଦୂଷଣ ବଢ଼ିବ, ଯାହା ଆଗାମୀ ଦିନରେ ମନୁଷ୍ୟ ଓ ଜୀବଜନ୍ତୁଙ୍କ ବଞ୍ଚିବା ଅସମ୍ଭବ ହୋଇ ପଡିବ ବୋଲି ସାମାଜିକ କର୍ମୀ ସାହୁ ଚେତାଇଛନ୍ତି।

ଏଡିଏମ୍ ପିତାମ୍ବର ରାଉତ କହିଛନ୍ତି, ଡିଜେ ବାଦ୍ୟ ବନ୍ଦ ପାଇଁ ପଦକ୍ଷେପ ନିଆଯାଇଛି । ମୂର୍ତ୍ତି ନିର୍ମାଣ କ୍ଷେତ୍ରରେ ପରିବେଶ ପ୍ରତି ଧ୍ୟାନ ଦିଆଯିବ । ମୂର୍ତ୍ତି ବିସର୍ଜନ ପାଇଁ ଅସ୍ଥାୟୀ ପୋଖରୀ ନିର୍ମାଣ ହେଉଥିବା ଏଡିଏମ୍ ସାମଲ ସୂଚନା ଦେଇଛନ୍ତି ।


ଶୋଭାଯାତ୍ରାରେ ଗଣେଶଙ୍କୁ ଭସାଣି ପାଇଁ ନିଆଯାଉଛି ।

# ଦେବୀ ନଦୀକୁ ଡେଇଁପଡ଼ିଲେ ଯୁବକ

**ପୋଲ ଉପରେ ରହିଛି ଗାଡ଼ି, ଚପଲ**

**ନାଉଗାଁ,୩୦।୯(ସୁଧା ବେହୁରା):**

ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅଧୀନ ଶିଖରଘାଟ ପୋଲ ନିକଟରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ପୋଲ ଉପରେ ଗାଡି ଓ ଚପଲ ରଖି ଜଣେ ଯୁବକ ଦେବୀ ନଦୀକୁ ଡେଇଁପଡ଼ିଛନ୍ତି। ସେ ହେଲେ ନାଉଗାଁ ଥାନା ଅନ୍ତର୍ଗତ ବଛାଲୋ ଗାଁର ସୁଜିତ ଲେଙ୍କା। ସେ ଛୋଟବେଳୁ ପୁରୀ ଅଞ୍ଚଳରେ ରହି ଆସୁଥିବା ବେଳେ ସେଠାରେ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଶନିବାର ସେ ଗାଁକୁ ଆସିଥିବାବେଳେ କେଉଁ କାରଣରୁ ନଦୀକୁ ଡେଇଁପଡ଼ିଲେ ତା'ର ଠିକ୍ ସୂଚନା ପରିବାର ଲୋକଙ୍କ ନିକଟରୁ ମିଳିପାରିନାହିଁ ବୋଲି ନାଉଗାଁ ଥାନାଧିକାରୀ ସଂଘମିତ୍ରା ନାୟକ କହିଛନ୍ତି। ଅପରପକ୍ଷେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଅଗ୍ନିଶମ ବାହିନୀର କର୍ମଚାରୀମାନେ ନଦୀରେ ଖୋଜାଖୋଜି କରିଥିଲେ ମଧ ରିପୋର୍ଟ ଲେଖା ପର୍ଯ୍ୟନ୍ତ ସୁଜିତଙ୍କ ପତ୍ତା ମିଳି ନ ଥିଲା। ସନ୍ଧ୍ୟା ଓ ବର୍ଷା ଯୋଗୁ ଖୋଜାଖୋଜି ବନ୍ଦ ରହିଛି। ନାଉଗାଁ ଭାରପ୍ରାପ୍ତ ବିଡିଓ ଦେବେନ୍ଦ୍ର ପ୍ରଧାନ ଓ ତହସିଲଦାର ଏସ.କେ. ସାଗିର ନଦୀରେ ଖୋଜାଖୋଜି କରିବା ନିମନ୍ତେ ଓଡ୍ରାଫ ଟିମ୍‌ର ସହାୟତା ପାଇଁ ଯୋଗାଯୋଗ କରିଥିବା ସୂଚନା ମିଳିଛି।


ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।

# ଦଶତୁଠରେ ମାରପିଟ ଘଟଣାରେ ୪ ଗିରଫ

**ଧର୍ମଶାଳା,୩୦।୯(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଥାନା କୋତପୁର ଫାଣ୍ଡି ଅନ୍ତର୍ଗତ ଅରାବଳ ଗ୍ରାମରେ ଦଶତୁଠରେ ୨ ଗୋଷ୍ଠୀ ମଧ୍ୟରେ ହୋଇଥିବା ମାରପିଟ ଘଟଣାରେ ପୋଲିସ ଶନିବାର ଉଭୟ ଗୋଷ୍ଠୀର ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋଟିଏ ଗୋଷ୍ଠୀର ରମାକାନ୍ତ ସେଠୀ(୪୨), ରମେଶ ସେଠୀ (୩୨) ଓ ଅନ୍ୟ ଗୋଷ୍ଠୀର ଫିରୋଜ ବେହେରା(୨୧) ଏବଂ ରାମଚନ୍ଦ୍ର ବେହେରା (୨୩)। ଗତ ୨୭ ତାରିଖରେ ଗ୍ରାମର ବେହେରା ସାହି ଲୋକେ କେଲୁଅ ନଦୀର ଅରାବଳ ତୁଠରେ ଶୁଦ୍ଧି ହେଉଥିଲେ। ତେବେ ଛୁଆଁ ହୋଇ ସର୍ବସାଧାରଣ ତୁଠରେ କାହିକି ଶୁଦ୍ଧିହେଉଛ ବୋଲି ଅନ୍ୟ ଏକ ଗୋଷ୍ଠୀ ଅଭିଯୋଗ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହେବା ସହ ମାରପିଟ ହୋଇଥିଲା। ଏନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୫୯୩/୨୩ ଓ ୫୯୪/୨୩ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସମସ୍ତ ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ସୂଚନା ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦୀପକ


@ ପ୍ରଶାନ୍ତ


@ ବିପ୍ଳବେନ୍ଦୁ


@ ସୁଜିତ୍


@ ସଲିମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଞ୍ଝାରପୁରରେ ବିକାଶ ଅଧାପନ୍ତରିଆ: ଅପରାଜିତା

**ବିଞ୍ଝାରପୁରରେ ନିର୍ବାଚନମଣ୍ଡଳୀରେ ଭାଜପାର ପରିବର୍ତ୍ତନ ସମାବେଶ**

- ସଭାକୁ ଆସିଲେନାହିଁ ମନମୋହନ, ଗୌତମ ବବିତା ଓ ନିରଞ୍ଜନ

**ବିଞ୍ଝାରପୁର,୩୦।୯(ରାମକୃଷ୍ଣ ଦାସ):**

ଯାଜପୁର ଜିଲା ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ପ୍ରୀତିପୁର ବଜାରସ୍ଥିତ କୀର୍ତ୍ତନ ପଡ଼ିଆଠାରେ ଶନିବାର ଭାଜପାର ଏକ ପରିବର୍ତ୍ତନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଶାସକ ଦଳକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ବିଞ୍ଝାରପୁରର ବିକାଶ ଅଧାପନ୍ତରିଆ ହୋଇରହିଛି। ସବୁବେଳେ ନକରାତ୍ମକ ଚିନ୍ତାଧାରରେ ଗତି କରୁଥିବା ବିଜେଡି ସରକାର ଓଡ଼ିଶାର ବିକାଶକୁ ପଛକୁ ଟାଣୁଛି। ତେଣୁ ଭାଜପା କର୍ମୀ ସକରାତ୍ମକ ରାଜନୀତି କରିବା ସହିତ ଲୋକଙ୍କ ହକ ପାଇଁ ଲଢ଼େଇ କରିବାକୁ ସେ ଆହ୍ୱାନ କରିଛନ୍ତି।

ସଭାରେ ଭାଜପା ନେତା ଅମୀୟ ମଲ୍ଲିକ ସଭାପତିତ୍ୱ କରିଥିବାବେଳେ ନିର୍ବାଚନମଣ୍ଡଳୀ ପ୍ରଭାରୀ ସୁରଜଲାଲ ସାମଲ, ମନମଥ ମଲ୍ଲିକ, ଜୀବନ ସାହୁ, ଦୀପ୍ତିରେଖା ମିଶ୍ର ଓ ଅଭିମନ୍ୟୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ସମାବେଶ ଆଳରେ ନିର୍ବାଚନମଣ୍ଡଳୀରେ ଅମୀୟ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି ବୋଲି ଚର୍ଚ୍ଚା ହେଉଛି। ଏହି ନିର୍ବାଚନମଣ୍ଡଳୀରେ ବବିତା ମଲ୍ଲିକ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବାବେଳେ ଏବେ ଅମୀୟ ନିଜର ସଂଗଠନକୁ ସୁଦୃଢ଼ କରି ବିଧାନସଭା ପ୍ରାର୍ଥୀ ପାଇଁ ମଧ୍ୟ ଆଶାୟୀ ହୋଇଛନ୍ତି। ସଭାରେ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରୁ ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ଉପସ୍ଥିତି ବିଞ୍ଝାରପୁର ବିଜେଡିର ମୁଣ୍ଡବ୍ୟଥାର କାରଣ ହେବ ବୋଲି ଆଲୋଚନା ହେଉଛି। ମାତ୍ର ଏହି ସଭା ଆୟୋଜନ ଦ୍ୱାରା ବିଞ୍ଝାରପୁର ଭାଜପା ମଧ୍ୟରେ ଫାଟଥିବା ଦେଖିବାକୁ ମିଳିଛି। ସଭାରେ ରାଜ୍ୟ ସଭାପତି ମନମୋହନ ସାମଲ, ଜିଲା ସଭାପତି ଗୌତମ ରାୟ, ବବିତା ମଲ୍ଲିକ ଓ ନିର୍ବାଚନମଣ୍ଡଳୀ ସଭାପତି ନିରଞ୍ଜନ ବେଉରିଆ ପ୍ରମୁଖ ଯୋଗ ଦେଇନାହାନ୍ତି। ଏନେଇ ଭାଜପା ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।


ଭାଜପା ପରିବର୍ତ୍ତନ ସମାବେଶରେ ଯୋଗଦେଇଥିବା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଦଳୀୟ ନେତା ଏବଂ କର୍ମୀମାନେ ।

# ଅସ୍ତିତ୍ୱ ହରାଇଛି ଗୋବରୀ ସମ୍ପ୍ରସାରିତ କେନାଲ

**ଦିନେ ଜଳସେଚନ ଓ ବାଣିଜ୍ୟ କାରବାରର ଏକମାତ୍ର ବିକଳ୍ପ ଥିଲା**

**ପଟ୍ଟାମୁଣ୍ଡାଇ,୩୦।୯(କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଉତିକଣ ଅଞ୍ଚଳ ୧୫ ପଞ୍ଚାୟତର ଚାଷୀମାନଙ୍କ ଏକମାତ୍ର ଭରସା ହେଉଛି ପଟ୍ଟାମୁଣ୍ଡାଇ କେନାଲକୁ ସଂଯୋଗ କରୁଥିବା ଗୋବରୀ ସମ୍ପ୍ରସାରିତ କେନାଲ। ଅତୀତରେ ଏହି ଗୋବରୀ କେନାଲ ଦେଇ ଜଳସେଚନ ଓ ବାଣିଜ୍ୟ କାରବାରର ହେଉଥିଲା । ଦୀର୍ଘବର୍ଷ ହେଲା ରକ୍ଷଣାବେକ୍ଷଣ ନ ହେବା ଯୋଗୁ ଗୋବରୀ ସମ୍ପ୍ରସାରିତ କେନାଲ ଓ ଶାଖା କେନାଲ ଏବେ ସଙ୍କୁଚିତ ହେବା ସହ ପୋତି ହେବାରେ ଲାଗିଛି। ଫଳରେ ପରିବହନ କଥା ଛାଡନ୍ତୁ ଜଳସେଚନ ଠିକ୍ ଭାବେ ହେଉ ନ ଥିବାରୁ ୧୫ ପଞ୍ଚାୟତର ଚାଷୀ ପାଣି ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି।

ଏ ସଂକ୍ରାନ୍ତ ବୁଦ୍ଧିଜୀବୀ ବିଜୟ ଦାସ କୁହନ୍ତି, କଟକ ମାଲଗୋଦାମକୁ ଜଳପଥରେ ମାଲ ପରିବହନର ଏକମାତ୍ର ମାଧ୍ୟମ ଥିଲା ଗୋବରୀ କେନାଲ। ଏହି ଜଳପଥ ଦେଇ ଡଙ୍ଗାରେ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ମହାକାଳପଡ଼ା ଓ ରାଜନଗର ଅଞ୍ଚଳରୁ ଧାନ, ଚାଉଳ, ମୁଗ, ବିରି, ବାଦାମ ଆଦି ଜଳପଥରେ କଟକ ମାଲଗୋଦାମକୁ ଯାଉଥିଲା। ଡଙ୍ଗା ଫେରିବା ବେଳେ ମାଲଗୋଦାମରୁ ମଧ ଗୁଡ, ଚଣା, ଲୁଣ ଭଳି ବିଭିନ୍ନ ଜିନିଷ ଧରି ବ୍ୟବସାୟୀମାନେ ଫେରୁଥିଲେ। ଫଳରେ ଏହି କେନାଲ ମାଧ୍ୟମରେ ଏହି ଅଞ୍ଚଳର ଖାଦ୍ୟ ଆବଶ୍ୟକତା ପୂରଣ ହେଉଥିଲା। ଏହି କେନାଲ ଏବେ ପରିତ୍ୟକ୍ତ । କିଛି ନ ହେଲେ ବି ଏହାର ପୁନରୁଦ୍ଧାର ହେଲେ ଲକ୍ଷାଧିକ ଚାଷୀଙ୍କ ମୁହଁରେ ହସ ଫୁଟିବ ଏଥିରେ ସନ୍ଦେହ ନାହିଁ।

ସାମାଜିକ କର୍ମୀ ପ୍ରବୀର ନାୟକ କୁହନ୍ତି, ୧୮୬୬ ନଅଙ୍କ ଦୁର୍ଭିକ୍ଷ ସମୟରେ ଓଡ଼ିଶାର ବିକଳ ଚିତ୍ର ବ୍ରିଟିଶରମାନଙ୍କୁ ବାଧ କରିଥିଲା ଲୋକମାନଙ୍କ ଜୀବନ ଜିବିକା କଥା ଚିନ୍ତା କରିବାକୁ । ଶେଷରେ ବ୍ରିଟିଶମାନଙ୍କ ଉଦ୍ୟମରେ ଦୁର୍ଭିକ୍ଷରେ ଅଧିକ ପ୍ରଭାବିତ ହୋଇଥିବା କଟକ, କେନ୍ଦ୍ରାପଡା ଓ ଯାଜପୁର ଜିଲାର ଜଳସେଚନ ବ୍ୟବସ୍ଥାକୁ କିଭଳି ସୁଦୃଢ କରାଯାଇ ପାରିବ ସେତେବେଳେ ମାଷ୍ଟର ପ୍ଲାନ କରାଯାଇ ପଟ୍ଟାମୁଣ୍ଡାଇ କେନାଲର ପରିକଳ୍ପନା କରାଯାଇଥିଲା । ୧୮୭୧ରେ ଏହା କାର୍ଯ୍ୟକ୍ଷମ ହୋଇ ୧ ଲକ୍ଷରୁ ଅଧିକ ହେକ୍ଟର ଚାଷ ଜମିକୁ ଜଳସେଚିତ କରିପାରିଥିଲା । ୧୮୭୮ରେ ଅଳଭାଠାରୁ ଗଣ୍ଡାକିଆ କେନାଲକୁ ସମ୍ପ୍ରସାରଣ କରାଯାଇଥିଲା ତାର ନାମ ଗୋବରୀ ସମ୍ପ୍ରସାରିତ କେନାଲ ହୋଇଥିଲା। ଏହି ଗୋବରୀ କେନାଲ ବ୍ରାହ୍ମଣୀରୁ ଅଳଭା ଲକ୍ ଦେଇ ଗଣ୍ଡାକିଆ ଗୋବରୀ ମଧ ଦେଇ ପାରାଦୀପକୁ ନୌବାଣିଜ୍ୟ ହେଇଥିଲା। ବଡ଼ ବଡ଼ ଡ଼ଙ୍ଗା ସାହାଯ୍ୟରେ ଅନ୍ୟ ରାଜ୍ୟକୁ ଝୋଟ ସହ ଅନ୍ୟାନ୍ୟ ଖାଦ୍ୟ ଶସ୍ୟ ଓ ବିଭିନ୍ନ ଦ୍ରବ୍ୟ ରପ୍ତାନି ଓ ଆମଦାନୀ ହେଉଥିଲା । ପରବର୍ତ୍ତୀ ସମୟରେ ଏହି ବାଣିଜ୍ୟ ବ୍ୟବସାୟ ଓଡ଼ିଶାର ଅର୍ଥନୀତିକୁ ସୁଦୃଢ କରିଥିଲା । ତେବେ ସମୟ ବଦଳିବ ସାଙ୍ଗକୁ ପରିବହନ ଓ ଯାତାୟତ ସରଳ ହେଲା । ସ୍ଥଳପଥରେ ଏସବୁ କାରବାର ଓ ଯାତାୟତ ଆରମ୍ଭ ହେବା ପରେ ଏହି କେନାଲ ସେବେଠାରୁ ଆଜି ପର୍ଯ୍ୟନ୍ତ ଜଳସେଚନର ବୃହତ୍ ମାଧ୍ୟମ ପାଲଟିଥିଲା।

ଶିକ୍ଷାବିତ୍ ପ୍ରଫୁଲ୍ଲ ଦାଶ କୁହନ୍ତି, ଗୋବରୀ କେନାଲ ଏବେ ତାହାର ଅସ୍ତିତ୍ୱ ହରାଇବାକୁ ବସିଛି । ୨୦୧୮ରେ ଉକ୍ତ କେନାଲର ଦୁଇ ପାର୍ଶ୍ୱ ପୋତି ଚଉଡା କମ୍ କରି ଦିଆଗଲା। ପରେ ଅଳଭା–ଗଣ୍ଡାକିଆ ଲକ୍‌କୁ ମଧ ବନ୍ଦ କରି ଦିଆଗଲା। କେନାଲ ବନ୍ଧ ଚଉଡା ଶକ୍ତ କରାଯାଇ ଜଳସେଚନ ଏକମାତ୍ର ବିକଳ୍ପ ଭାବେ ଏହି କେନାଲ ବ୍ୟବହାର ହେଉଛି। ଏବେ ମୁଖ୍ୟ କେନାଲକୁ ପ୍ରତିବର୍ଷ ସଫା ଓ ଖୋଳା ପାଇଁ ସରକାରୀ ଅର୍ଥ ଖର୍ଚ୍ଚ ହେଉଛି । ମାତ୍ର ଗୋବରୀ ସମ୍ପ୍ରସାରିତ କେନାଲ ସହ ୧୭ଟି ଛୋଟ ଶାଖା କେନାଲ ଓ ୫ଟି ମାଇନର କେନାଲକୁ ଠିକ୍ ଭାବେ ଜଳ ପ୍ରବେଶ କରି ପାରୁନାହିଁ । ଫଳରେ କେନ୍ଦ୍ରାପଡ଼ା ଜିଲାର ଭାତହାଣ୍ଡି କୁହାଯାଉଥିବା ଉତିକଣ ଭେଡା ସମେତ ପଟ୍ଟାମୁଣ୍ଡାଇର ଅନ୍ୟାନ୍ୟ ଭେଡାର ଅଧିକାଂଶ ଚାଷଜମି ପଡିଆ ପଡୁଛି।

ଏହି କେନାଲରେ ୧୩୩ କ୍ୟୁସେକ ଜଳଧାରଣ କରିବା କଥା। ମାତ୍ର ଏବେ ଏହା କମି ଛାଲିଛି। ଏହି ଉତିକଣ ଭେଡା ସମେତ ପଟ୍ଟାମୁଣ୍ଡାଇର ଅନ୍ୟାନ୍ୟ ଭେଡାକୁ ଦୈନିକ ପ୍ରାୟ ୮୦ରୁ ୯୦ କ୍ୟୁସେକ ଜଳ ପ୍ରବାହିତ ହେବା ଆବଶ୍ୟକ ବୋଲି ସହକରୀ ଯନ୍ତ୍ରୀ ପ୍ରଭାତ ସାହୁ କହିଛନ୍ତି। ମାତ୍ର ବର୍ତ୍ତମାନ ସବୁଦିନ ୪୦ କ୍ୟୁସେକ ପାଣି ଯୋଗାଇବା ଜଳସମ୍ପଦ ବିଭାଗ ପକ୍ଷରେ ସମ୍ଭବ ହେଉନାହିଁ । ତେଣୁ କେଉଁଦିନ ୨୦ କ୍ୟୁସେକ ତ କେଉଁଦିନ ୧୫ କ୍ୟୁସେକ ପାଣି ଛଡ଼ାଯାଉଛି। କେନାଲ ସଙ୍କୁଚିତ ହେବା ଓ କେତେକ ସ୍ଥାନରେ ଅବରୋଧ ଯୋଗୁ ତଳମୁଣ୍ଡରେ ସେତିକି ପରିମାଣର ପାଣି ପହଞ୍ଚୁ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି ।



# କଂସା, ପିତଳ କାରିଗରଙ୍କ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି

**ଖଣ୍ଡପଡ଼ା,୩୦।୯ (ଅଜୟ କୁମାର ମହାରଣା)**

କଣ୍ଟିଲୋ ଅଞ୍ଚଳର କଂସା ପିତଳ କାରିଗରମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ହେବ । ଏଥିପାଇଁ ଏକ ବୈଠକ ଶନିବାର ଉତ୍କଳିକା ପକ୍ଷରୁ କଣ୍ଟିଲୋ ନୀଳମାଧବ ଅତିଥି ଭବନରେ ଅନୁଷ୍ଠିତ ହୋଇଯାଇଛି ।

ଏକଦା କଂସା ପିତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଥିବା କଣ୍ଟିଲୋ ଏବେ ଅବହେଳିତ ଅବସ୍ଥାରେ ରହିଛି । ଆବଶ୍ୟକ କଞ୍ଚା ମାଲର ଅଭାବ ଏ ଶିଳ୍ପ ପାଇଁ ବାଧକ ସାଜିଛି । ତେବେ ଉତ୍କଳିକା ପକ୍ଷରୁ ୨୦୧୮ରେ କାରିଗରମାନଙ୍କ ବାରମ୍ବାର ଦାବି ପରେ କଣ୍ଟିଲୋଠାରେ ଏକ ରମେଟେରିଆଲ ବ୍ୟାଙ୍କ ଖୋଲାଯାଇଥିଲା । ମାତ୍ର ଉକ୍ତ ରମେଟେରିଆଲ ବ୍ୟାଙ୍କରେ ଶତାଧିକ କଂସା ପିତଳ କାରିଗରମାନଙ୍କ ଚାହିଦା ମୁତାବକ ଆବଶ୍ୟକ ତମ୍ବା, ପିତଳ, ଖପର, ରଙ୍ଗ ଓ ଓଲଡ ସ୍କ୍ରାପ ଆଦି କଞ୍ଚାମାଲର ବ୍ୟବସ୍ଥା କରା ନ ଯାଇ କେବଳ ତମ୍ବା, ପିତଳର ସିଟ(ଚଦର) ବିକ୍ରୀ ପାଇଁ ବ୍ୟବସ୍ଥା କରାଯାଇଛି । ଯାହାକି କଣ୍ଟିଲୋରେ ଥିବା କେତେଜଣ ହାତ ଗଣତି ହସ୍ତଶିଳ୍ପ କାରିଗରମାନଙ୍କ ପାଇଁ ଉଦ୍ଦିଷ୍ଟ । କାରିଗରମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ଶନିବାର ରାଜ୍ୟ ହସ୍ତଶିଳ୍ପ ନିଗମ ଭୁବନେଶ୍ୱର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା କଲ୍ୟାଣୀ ପଟ୍ଟନାୟକ, ସଭାପତି ଦେବସ୍ମିତା ସାହୁ, ଉପସଭାପତି ପ୍ରସନ୍ନ ମହାପାତ୍ର ଓ ଉତ୍କଳିକାର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଉପସ୍ଥିତ କାରିଗରମାନଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏଠାରେ ଥିବା କଞ୍ଚାମାଲ ଡିପୋ(ରମେଟେରିଆଲ ବ୍ୟାଙ୍କ) ଏକ ଭଡା ଘରେ ଚାଲୁଥିବା ବେଳେ ଏଠାରେ ଉପଲବ୍ଧ ପିତଳ ଓ ତମ୍ବା ସିଟ୍(ଚଦର) ସମୁହ କଂସାପିତଳ କାରିଗରମାନଙ୍କ ଆବଶ୍ୟକତା ପୁରଣ କରୁ ନ ଥିବା ଉପସ୍ଥିତ କାରିଗରମାନେ ମତ ରଖିଥିଲେ । ପ୍ରେସ ଚଦର(ସିଟ) କେବଳ କଣ୍ଟିଲୋରେ ଥିବା ୫/୬ ଜଣ ହସ୍ତଶିଳ୍ପ କାରିଗରମାନଙ୍କ ଆବଶ୍ୟକତା ଠିକ ଭାବେ ପୁରଣ କରୁ ନ ଥିବା ବେଳେ କଣ୍ଟିଲୋରେ ଥିବା ୨ଶହରୁ ଉର୍ଦ୍ଧ୍ୱ କଂସାପିତଳ କାରିଗରମାନଙ୍କ ଉତ୍ପାଦନ ସାମଗ୍ରୀ ପାଇଁ ଆବଶ୍ୟକ ପଡୁଥିବା କଞ୍ଚାମାଲ ପୁରୁଣା ତଥା ଭଙ୍ଗା ପିତଳ ତମ୍ବା(ଓଲଡ ସ୍କ୍ରାପ) ତମ୍ବା, ପିତଳ, ରଙ୍ଗ ଓ ଖପରର ଆବଶ୍ୟତା ରହିଛି । ତେଣୁ ରମେଟେରିଆଲ ବ୍ୟାଙ୍କରେ ଏସବୁ ଆବଶ୍ୟକ ଧାତୁ ରଖିବାର ଜରୁରୀ ବୋଲି କାରିଗରମାନେ କହିଥିଲେ । ଅପରପକ୍ଷେ କଣ୍ଟିଲୋରେ ଶିଳ୍ପ ବିଭାଗ ପକ୍ଷରୁ ଏକ ତାଲିମ ଓ ଉତ୍ପାଦନ କେନ୍ଦ୍ର(ଟିସିପିସି) ଗୃହ ରହିଥିବା ବେଳେ ତାହା ଏକ ସଂସ୍ଥା ଦଖଲରେ ଥିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସଂପୃକ୍ତ ଗୃହକୁ ଉଚ୍ଛେଦ କରାଗଲେ ଏଠାରେ ରମେଟେରିଲ ବ୍ୟାଙ୍କ ଚାଲି ପାରିବ ବୋଲି ଉପସ୍ଥିତ ବରିଷ୍ଠ ସମବାୟବିତ୍ ଶରତ ଚନ୍ଦ୍ର ମହାରଣା ଦୃଷ୍ଟି ଆକର୍ଷଣ କରିଥିଲେ । ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତ୍ୟେହ ଆସୁଥିବା ଶତାଧିକ ପର୍ଯ୍ୟଟକଙ୍କ ପାଇଁ କଣ୍ଟିଲୋ କଂସା ପିତଳ ବାସନ ଓ ସୌଖିନ ସାମଗ୍ରୀ ପ୍ରଦର୍ଶିତ କରାଗଲେ ଏ ଶିଳ୍ପର ପ୍ରଚାର ପ୍ରସାର ଓ ବିକାଶ ଘଟି ପାରନ୍ତା ବୋଲି ବରିଷ୍ଠ କାରିଗର ଦଣ୍ଡପାଣି ସାହୁ, ପବିତ୍ର କୁମାର ମହାରଣା ଓ ଦୁର୍ଯ୍ୟୋଧନ ମହାରଣା ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ କାରିଗର ଅଖିଳ କୁମାର ମହାପାତ୍ର, ମାୟାଧର ସାହୁ, ପ୍ରତାପ କୁମାର ମହାରଣା, ପ୍ରଦୀପ କୁମାର ମହାରଣା, ଅଞ୍ଜନ କୁମାର ମହାରଣା ପ୍ରମୁଖ ୩୦ରୁ ଉର୍ଦ୍ଧ୍ୱ କଂସା ପିତଳ କାରିଗର ଉପସ୍ଥିତ ଥିଲେ । ଆଲୋଚନା ପରେ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ଉପସ୍ଥିତ ନିର୍ଦ୍ଦେଶିକା ପଟ୍ଟନାୟକ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ ।


ବୈଠକରେ ଉତ୍କଳିକାର କର୍ମକର୍ତ୍ତାଙ୍କ ସହ କଂସା ପିତଳ କାରିଗର ।

## ନୂଆଗାଁର ପୂର୍ବତନ ଡବ୍ଲ୍ୟୁଇଓଙ୍କୁ ୪ବର୍ଷ ଜେଲଦଣ୍ଡ

### ଲାଞ୍ଚ ମାମଲାରେ ରାୟ

**ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ବାରିପଦା, ୩୦।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଇଣ୍ଟର କାଷ୍ଟ ବିବାହ ସମ୍ପର୍କିତ ଏକ ରିପୋର୍ଟ ଦାଖଲ ପାଇଁ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଶନିବାର ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ନୟାଗଡ଼ ଜିଲା ନୂଆଗାଁ ବ୍ଲକର ପୂର୍ବତନ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ (ଡବ୍ଲ୍ୟୁଇଓ) ଲୁଦାସିନୀ ନାୟକଙ୍କୁ ୪ ବର୍ଷ ଜେଲଦଣ୍ଡ ହୋଇଛି। ଦୋଷୀ ସାବ୍ୟସ୍ତ ଲୁଦାସିନୀ ବର୍ତ୍ତମାନ ମୟୂରଭଞ୍ଜ ଜିଲା ବାଦାମପାହାଡରେ ଡବ୍ଲ୍ୟୁଇଓ ଭାବେ କାର୍ଯ୍ୟ କରୁଛନ୍ତି। ଜେଲଦଣ୍ଡ ସହ ଲୁଦାସିନୀଙ୍କୁ ୧୦ ହଜାର ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ଦୁଇମାସ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ତେବେ ଏହି ଦଣ୍ଡାଦେଶ ରାୟକୁ ଆଧାର କରି ଲୁଦାସିନୀଙ୍କୁ ଚାକିରିରୁ ବହିଷ୍କାର କରିବାକୁ କମ୍ପିଟେଣ୍ଟ ଅଥୋରିଟିଙ୍କୁ ଭିଜିଲାନ୍ସ ପକ୍ଷରୁ ସୁପାରିଶ କରାଯାଇଛି। ଲୁଦାସିନୀ ନୟାଗଡ଼ରେ କାର୍ଯ୍ୟ କରୁଥିବାବେଳେ ଆନ୍ତଃ ଜାତି ବିବାହ ସମ୍ପର୍କିତ ଘଟଣାର ତଦନ୍ତ କରି ଜିଲା ମଙ୍ଗଳ ଅଧିକାରୀଙ୍କ (ଡିଡବ୍ଲ୍ୟୁଓ) ନିକଟରେ ରିପୋର୍ଟ ଦାଖଲ କରିବାକୁ ୨୦୧୪ରେ ଅଭିଯୋଗକାରୀ ପ୍ରତାପ ସେଠୀଙ୍କଠାରୁ ୩ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅଭିଯୋଗ ହେବା ପରେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଟଙ୍କା ଗ୍ରହଣ ସମୟରେ ତାଙ୍କୁ ଗିରଫ କରିଥିଲା। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୭/୨୦୧୪) ରୁଜୁ କରାଯାଇ ଲୁଦାସିନୀଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଏହି ମାମଲାକୁ ସତନ୍ତ୍ର ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ପରିଚାଳନା କରୁଥିଲେ।

## ମଦ ଚାଲାଣ, ଡକାୟତି ଘଟଣାରେ ୪ କୋର୍ଟ ଚାଲାଣ

**ଗଣିଆ,୩୦।୯(ସନ୍ତୋଷ କୁମାର ପ୍ରଧାନ)**

ଗଣିଆ ଅଞ୍ଚଳରେ ଦିନକୁ ଦିନ ବେଆଇନ ଦେଶୀମଦ, ଗଞ୍ଜେଇ,ବ୍ରାଉନସୁଗାର କାରବାର ବୃଦ୍ଧି ପାଉଛି । ଏ ନେଇ ଗଣିଆ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶୁକ୍ରବାର ଗଣିଆ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ ପୋଲିସ କିଶୋରପ୍ରସାଦ ପଞ୍ଚାୟତ ପତୁରିଆ ଛକ ନିକଟରୁ ଏକ ସ୍କର୍ପିଓ ଗାଡିକୁ ଯାଞ୍ଚ କରିବା ବେଳେ ସେଥିରୁ ୨୦ଟି ରବର ବ୍ଲାଡରରେ ଥିବା ୪୦୦ଲିଟର ଦେଶୀ ମଦ ଜବତ କରିଛି । ମଦ ସହିତ ଉକ୍ତ ଗାଡ଼ି(ନଂ.ଓଡି -୦୨- ୯୩୪୨)କୁ ପୋଲିସ ଜବତ କରିବା ସହିତ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଗିରଫ ବ୍ୟକ୍ତିମାନେ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ାର ଗଙ୍ଗାଧର ସାହୁ ଓ ସୁକାନ୍ତ ସାହୁ ଏବଂ କଟକ ଜିଲା ବଡମ୍ବା ଅଞ୍ଚଳର ଅନିଲ ସାହୁ । ସେହିପରି ଗତ ଜୁଲାଇରେ ଦଶପଲ୍ଲା- ଗଣିଆ ରାସ୍ତାରେ ଏକ କୋରିୟର ଗାଡ଼ି ଡ୍ରାଇଭରଙ୍କୁ ଆକ୍ରମଣ କରି ଲୁଟ କରିବା ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ମଧ୍ୟଖଣ୍ଡ ଗ୍ରାମର ଜିତେନ୍ଦ୍ର ସାହୁଙ୍କୁ ଶନିବାର ଗଣିଆ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାରେ ପୂର୍ବରୁ ଗଣିଆ ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## କଣ୍ଢେଇ ଓ ବିଜ୍ଞାନ ମେଳାରେ ୧୪୨ ପ୍ରକଳ୍ପ


ଛାତ୍ରୀଛାତ୍ର ନିଜ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

**ନୟାଗଡ଼,୩୦।୯ (ଲୋକନାଥ ମିଶ୍ର)**

ନୟାଗଡ଼ ହାଉସିଂ ବୋର୍ଡ କଲୋନୀ ନିକଟ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ଶନିବାର କଣ୍ଢେଇ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୪୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ପୂର୍ବାହ୍ନ ୧୦ଟାରେ ଉଦ୍‌ଘାଟନ ହୋଇଥିବା ଏହି ମେଳା ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ନୟାଗଡ଼ ପୌରପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ନିଜ ଭାଷଣରେ କହିଥିଲେ ବିଜ୍ଞାନ ଯୁଗରେ ପ୍ରତ୍ୟେକ ଅଭିଭାବକ ନିଜ ପିଲାମାନଙ୍କୁ ଅନ୍ଧ ବିଶ୍ୱାସରୁ ଦୂରେଇ ଉପଯୁକ୍ତ ସଂସ୍କାର ଦିଅନ୍ତୁ। ଏହି ଅବସରରେ ମେଳାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମେଳାର ବିଚାରକ ତଥା ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଅନାଦି ଚରଣ ମହାନ୍ତି , ସମଗ୍ର ଶିକ୍ଷା ଅଭିଯାନର ରାଜ୍ୟ ରିସୋର୍ସ ପର୍ସନ ରବି ନାରାୟଣ ପାତ୍ର ଓ ପିଣ୍ଡିକେଶ ଆଞ୍ଚଳିକ ମହାବିଦ୍ୟାଳୟର ଜୀବ ବିଜ୍ଞାନ ଅଧ୍ୟାପକ ଆଲୋକ ଚନ୍ଦ୍ର ସାମନ୍ତରାୟ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ରଞ୍ଜନ ଗୁରୁଜୀ ଓ ବିନୋଦିନୀ ଗୁରୁମା କଣ୍ଢେଇ ମେଳା ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ବରିଷ୍ଠ ବର୍ଗରେ ହନିମେଷ ଡାକୁଆ ପ୍ରଥମ ହୋଇଥିଲା ବେଳେ ପ୍ରୀତିଶ ବିଶ୍ୱାଳ ଦ୍ୱିତୀୟ ଓ ଅଙ୍କିତା ଶୁଭଦର୍ଶିନୀ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଉପବରିଷ୍ଠ ବର୍ଗରେ ବିଶ୍ୱଜିତା ମହାନ୍ତି ଓ ସଚିନ ପାତ୍ର ଯୁଗ୍ମ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ ଅବିନାଶ ସାହୁ ଦ୍ୱିତୀୟ ଓ ଶୁଭଶ୍ରୀ ସାହୁ ୩ୟ ସ୍ଥାନ ଅଧିକାର କରିଛନ୍ତି। କନିଷ୍ଠ ବର୍ଗରେ ସାଇଶ୍ରୀ ପ୍ରିୟଦର୍ଶିନୀ ପ୍ରଥମ ହୋଇଥିଲା ବେଳେ ଲକ୍ଷ୍ମୀପ୍ରିୟା ନାୟକ ଦ୍ୱିତୀୟ ଏବଂ ଜ୍ୟୋତି ପ୍ରକାଶ ମହାପାତ୍ର ୩ୟ ସ୍ଥାନ ଅଧିକାର କରିଛନ୍ତି। ଉପ କନିଷ୍ଠ ବର୍ଗରେ ସ୍ମୃତିପ୍ରିୟା ସାହୁ ପ୍ରଥମ, କାଳିଆ କାହ୍ନୁ ବିଶ୍ୱାଳ ଓ ଶୁଭ୍ରାଂଶୁ କୁମାର ବେହେରା ଯୁଗ୍ମ ଭାବେ ଦ୍ୱିତୀୟ ଓ ଆୟାସ୍ମିତା ମହାପାତ୍ର ୩ୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କଣ୍ଢେଇ ମେଳାରେ ଦେବସ୍ମିତା ନାୟକ ପ୍ରଥମ ହୋଇଥିଲା ବେଳେ ପ୍ରତ୍ୟୁଷ ରଞ୍ଜନ ସାହୁ ଦ୍ୱିତୀୟ, ଆର୍ଯ୍ୟା ପ୍ରିୟଦର୍ଶିନୀ ଓ ମଧୁସୂଦନ ସାହୁ ଯୁଗ୍ମ ଭାବେ ୩ୟ ସ୍ଥାନ ଅଧିକାର କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପବିତ୍ର ସାହୁ, ନିର୍ମଳ କୁମାର ସାହୁ ଓ ଶୁଭଶ୍ରୀ ପଟ୍ଟନାୟକ ସହଯୋଗ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦୀପକ


@ ପ୍ରଶାନ୍ତ


@ ବିପ୍ଳବେନ୍ଦୁ


@ ସୁଜିତ୍


@ ସଲିମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ଗଣିଆ,୩୦।୯(ସନ୍ତୋଷ କୁମାର ପ୍ରଧାନ)**

ଗଣିଆ ବ୍ଲକ ଛାମୁଣ୍ଡିଆସ୍ଥିତ କୁଞ୍ଜବିହାରୀ ନୋଡ଼ାଲ ସରକାରୀ ବିଦ୍ୟାଳୟ ପରିସରରେ ଶନିବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ସିଆରସିସି ବଳରାମ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନିଶାମଣି ନାୟକ, ସମ୍ମାନିତ ଅତିଥି ଭାବେ ଛାମୁଣ୍ଡିଆ ସମିତି ସଭ୍ୟା ସସ୍ମିତା ଦଳେଇ ଯୋଗଦେଇଥିଲେ । ତେବେ ଛାମୁଣ୍ଡିଆ କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ସିନିୟର ଓ ଜୁନିୟର ବିଭାଗରେ ଅଂଶଗ୍ରହଣ କରିଥିଲେ । କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରମାନେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ସିଆରସିସିଙ୍କଠାରୁ ସୂଚନା ମିଳିଛି। ସେହିପରି ଗଣିଆ ବ୍ଲକର ଗଣିଆ, ରାସଙ୍ଗ, ଆଡକଟା, କିଶୋରପ୍ରସାଦ ଓ ଗୋଛାବାରୀ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେବେ ଅକ୍ଟୋବର ୧୮ରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହେବ ବୋଲି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଛି।


ଜଣେ କୃତୀ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## ଲୋକମାନଙ୍କ ସେବାରେ ପୋଲିସ ପ୍ରଶାସନ

**ନୂଆଗାଁ. ୩୦।୯(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ଥାନା ତରଫରୁ ମହିପୁର ଫାଣ୍ଡି ପରିସରରେ ଶନିବାର ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହିପୁର ଅଞ୍ଚଳରବରିଷ୍ଠ ନାଗରିକ ଧୀରେନ୍ଦ୍ର କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୂଆଗାଁ ଥାନାଧିକାରୀ ନାରାୟଣ ଚନ୍ଦ୍ର ଲେଙ୍କା, ଏଏସଆଇ ପୁରୁଷୋତ୍ତମ ପ୍ରଧାନ, ଏଏସ୍ଆଇ ତାନସେନ ବେହେରା, ସନ୍ତୋଷ କୁମାର ସୁବୁଦ୍ଧି ଓ ମନୋରଞ୍ଜନ ଦେହୁରୀ, ବରିଷ୍ଠ ନାଗରିକ ପତିତପାବନ ସାହୁଙ୍କ, ଦେବରାଜ ଖଣ୍ଡୁଆଳଙ୍କ ସମେତ ନୂଆଗାଁ ଥାନା, ମହିପୁର ଫାଣ୍ଡିର ପୋଲିସ କର୍ମଚାରୀ ଓ ନୂଆଗାଁ ଥାନା ଅଞ୍ଚଳର ବରିଷ୍ଠ ନାଗରିକ, ବୁଦ୍ଧିଜୀବିମାନେ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ପୂର୍ବ ବୈଠକର ବିବରଣୀ ପାଠ କରାଯିବ ସହ ପ୍ରସ୍ତାବ ଗୁଡିକ କେତେଦୂର କାର୍ଯ୍ୟକାରୀ ହୋଇଛି ସେ ବିଷୟରେ ଆଲୋଚନା କରାଯାଇଥିଲା। ତେବେ ବିଗତ ଦିନରେ ଆମ ପୋଲିସ ସମିତି କାର୍ଯ୍ୟକ୍ରମରେ ପ୍ରସ୍ତାବଗୁଡିକ କାର୍ଯ୍ୟକାରୀ ହେଉ ନ ଥିବା ବେଳେ ଗତ ବୈଠକରେ ପ୍ରସ୍ତାବିତ ବିଷୟ ପ୍ରତି ଧ୍ୟାନ ଦେବା ସହ କାର୍ଯ୍ୟକାରୀ ହୋଇଛି ବୋଲି ଉପସ୍ଥିତ ଥିବା ସଦସ୍ୟମାନେ ଉପଲବଧି କରିଥିବା କହିଥିଲେ ।

ମହିପୁର ଅଞ୍ଚଳରେ ନିଶା କାରବାର ରୋକିବା ପ୍ରତି ଧ୍ୟାନ ଦେବା ପାଇଁ ବରିଷ୍ଠ ନାଗରିକ ଧିରେନ୍ଦ୍ର ଦାସ ଓ ମହିପୁର ଗାଁ କମିଟି ସଦସ୍ୟ ରମେଶ ଚନ୍ଦ୍ର ସାହୁ ପୋଲିସକୁ ଅନୁରୋଧ କରିଥିବା ବେଳେ ଆମେ ସବୁବେଳେ ଲୋକମାନଙ୍କ ସହ ରହିଛୁ। ତେଣୁ ଆପଣମାନେ ସହଯୋଗ କଲେ ନିଶାକାରବାର ରୋକିବା ସୁବିଧା ହେବ ବୋଲି ଥାନାଧିକାରୀ ଲେଙ୍କା କହିଥିଲେ । ପ୍ରତି ଗାଁ ଓ ବଜାରରେ ଶାନ୍ତି କମିଟି ଗଠନ କରିବା ପାଇଁ ଥାନାଧିକାରୀ ଲେଙ୍କା ଅନୁରୋଧ କରିଥିଲେ । ପାର୍ବଣ ଋତୁ ଆସିଥିବାରୁ ବଜାର କମିଟି ଓ ଗାଁ କମିଟି ସତର୍କ ରହି ପର୍ବକୁ ପାଳନ ଓ ଉପଭୋଗ କରିବା, ଅଯଥା ଗହଳି, ବିଶୃଙ୍ଖଳା ଓ ଅଧିକ ସାଉଣ୍ଡରେ ଡିଜେ ନ ବଜାଇବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା । ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଲୋକମାନଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ ପକ୍ଷରୁ ଗାଡ଼ି ପାଟ୍ରୋଲିଂ କରିବା ସହ ଲୋକମାନଙ୍କ ସହ ସୁସମ୍ପର୍କ ରଖି ଜନସାଧାରଣଙ୍କ ନିକଟତର ହେବା ପାଇଁ ପୋଲିସ ପକ୍ଷରୁ ଫୁଟ୍ ପାଟ୍ରୋଲିଂ କରା ଯାଉଛି ବୋଲି ଥାନାଧିକାରୀ ଲେଙ୍କା ସୂଚନା ଦେଇଥିଲେ ।



ଆମ ପୋଲିସ ସମିତି କାର୍ଯ୍ୟକ୍ରମରେ କର୍ମକର୍ତ୍ତା ଓ ପୋଲିସ ଅଧିକାରୀ ।

### ଆମ ପୋଲିସ ସମିତି କାର୍ଯ୍ୟକ୍ରମ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ଚୋରାମଦ ବିକ୍ରି ଅଭିଯୋଗରେ ୩ ଗିରଫ

ବରୀ,୩୦।୯(ମହେନ୍ଦ୍ର ସ୍ୱାଇଁ): ଚୋରା ମଦ ବିକ୍ରି ଅଭିଯୋଗରେ ବରୀ-ରାମଚନ୍ଦ୍ରପୁର ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏଥିସହିତ କାଇପଡ଼ାରୁ ଦେଶୀ ଓ ବିଦେଶୀ ମଦ ୩୭ ଲିଟର ୭୮୦ ମିଲି ଏବଂ ଚନ୍ଦନପୁରରୁ ୧୧ ଲିଟର ଦେଶୀ ମଦ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ କାଇପଡ଼ା ଅଞ୍ଚଳର ବନମାଳୀ ସାହୁ, କୁଳମଣୀ ତ୍ରିପାଠୀ ଏବଂ ଚନ୍ଦନପୁର ଅଞ୍ଚଳର ବିରଞ୍ଚି ମଲିକ। ଏନେଇ ଥାନାରେ ନଂ.୩୫୮/୨୩ ଓ ୩୫୯/୨୩ରେ ଦୁଇଟି ମାମଲା ରୁଜୁ କରାଯାଇଛି। ଆଗାମୀ ଦିନରେ ବରୀ ଅଞ୍ଚଳରେ ଚୋରା ମଦ ବ୍ୟବସାୟୀଙ୍କ ଉପରେ ରୋକ ଲଗାଇବା କ୍ଷେତ୍ରରେ ପୋଲିସ ଅବକାରୀ ବିଭାଗର ସହାୟତା ଲୋଡ଼ିବ ଏବଂ ଆବଶ୍ୟକସ୍ଥଳେ ପୋଲିସ ମଧ୍ୟ ବିଭିନ୍ନ ସ୍ଥାନରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ କହିଛନ୍ତି।

### ଗାନ୍ଧୀ ଜୟନ୍ତୀରୁ ବିଜେଡିର ପଦଯାତ୍ରା, କଂଗ୍ରେସର ଘରେଘରେ ହାତ କାର୍ଯ୍ୟକ୍ରମ

ବଡ଼ଚଣା,୩୦।୯(ଦିଲୀପ ମହାନ୍ତି): ଅକ୍ଟୋବର ଦୁଇ ଗାନ୍ଧୀ ଜୟନ୍ତୀରୁ ବଡ଼ଚଣା ବିଜେଡି ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହେବ। ଏହି ପଦଯାତ୍ରା ବୈରୀ ରେଳ ଷ୍ଟେଶନ ନିକଟରୁ ବାହାରି ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟକ୍ରମ ଓ କେନ୍ଦ୍ର ସରକାରଙ୍କର ଓଡ଼ିଶା ପ୍ରତି ଅବହେଳା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବ। ଏହି କାର୍ଯ୍ୟକ୍ରମ ୧୧ ତାରିଖ ଜୟ ପ୍ରକାଶ ନାରାୟଣ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ। ଏଥିରେ ବିଧାୟକ ଅମର ପ୍ରସାଦ ଶତପଥୀ, ଦଳର ସଭାପତି ଅରବିନ୍ଦ ସାମଲ, ଯୁବ ଛାତ୍ର ମହିଳା ଓ ସମସ୍ତ ନିର୍ବାଚିତ ପ୍ରତିନିଧିମାନେ ସାମିଲ ହେବେ। ସେହିପରି ୨ ତାରିଖରୁ ବଡ଼ଚଣା କଂଗ୍ରେସ ନେତା ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ବନ୍ଧାଳ ଗାନ୍ଧୀମୂର୍ତ୍ତି ନିକଟରୁ ପଦଯାତ୍ରା ବାହାରି ଘରେଘରେ ହାତ ନାରା ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବହେଳା, ଗରିବମାରଣ ନୀତି ଓ ପଞ୍ଚାୟତରେ ହେଉଥିବା ଅନିୟମିତତା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବେ। ଏହି କାର୍ଯ୍ୟକ୍ରମ ୩ ମାସ ଚାଲିବ। ୪୩ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ପାଖରେ ବାର୍ତ୍ତା ପହଞ୍ଚିବ। ଏଥିରେ ମଧ୍ୟପ୍ରଦେଶ କଂଗ୍ରେସର ନେତୃମଣ୍ଡଳୀ ଯୋଗଦେବେ ବୋଲି ସଭାପତି ଉମେଶ ଜେନା, ପ୍ରଦୀପ୍ତ ମହାନ୍ତି, ଅଶୋକ ସାମଲ ଓ ନିରଞ୍ଜନ ବିଶ୍ୱାଳ ପ୍ରକାଶ କରିଛନ୍ତି।

### ଭାଗବତ ପୁସ୍ତକ ବଣ୍ଟନ

କାଏମା,୩୦।୯(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଅସହାୟର ବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ଭାଗବତ ଜନ୍ମଦିନ ଉପଲକ୍ଷେ ପ୍ରତି ଗ୍ରାମରେ ଥିବା ଭାଗବତ ଟୁଙ୍ଗିରେ ଭାଗବତ ପଠନ କରୁଥିବା ବ୍ୟକ୍ତିଙ୍କୁ ଉତ୍ତରୀୟ ଓ ଭାଗବତ ପୁସ୍ତକ ବଣ୍ଟନ କରାଯାଇଛି। ସଂଗଠନର ପ୍ରତିଷ୍ଠାତା ଗଣେଶର ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଳା, ଧର୍ମ, ସଂସ୍କୃତି, ସଂସ୍କାର ଓ ମାନବିକତା ଆଦି ଦିନକୁ ଦିନ ବିଲୁପ୍ତ ହେବାକୁ ବସିଲାଣି। ତେଣୁ ଏହାକୁ ପୁନରୁଦ୍ଧାର କରିବା ଏବଂ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ ଜାରି ରହିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ଦାସ, କାଦମ୍ବିନୀ ମିଶ୍ର, କୈଳାସ ଚନ୍ଦ୍ର ମହାନ୍ତି, ଅଜୟ କୁମାର ସେଠୀ ଓ ଲାଲୁ ପ୍ରସାଦ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

### କରମା ନୃତ୍ୟ ଦେଖିବାକୁ ଯାଇ ଜଣେ ନିଖୋଜ

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା କପୁଣ୍ଡି ପଞ୍ଚାୟତ ଧାନ ବେଣୀ ଗ୍ରାମର ହୀରାଲାଲ ମହାନ୍ତ (୫୨)ଗତ ସୋମବାର ସନ୍ଧ୍ୟାରୁ ନିଖୋଜ ଅଛନ୍ତି। ତାଙ୍କ ପୁଅ ବିପ୍ଳବ ମହାନ୍ତ ଶୁକ୍ରବାର ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୋମବାର ସନ୍ଧ୍ୟାରେ ଧାନବେଣୀ ଗ୍ରାମର କୈଳାଶ ଚନ୍ଦ୍ର ମହାନ୍ତ ଓ ବାଇଧର ମୁଣ୍ଡାଙ୍କ ସହ ସେ କପୁଣ୍ଡି ପଞ୍ଚାୟତ ରୁଗୁଡ଼ିଭା ସାହିକୁ କରମା ନୃତ୍ୟଗୀତ ଦେଖିବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପାଇ ନ ଥିଲେ। ଘଟଣାରେ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ କହିଛନ୍ତି।

# ମୋ ଘର ଯୋଜନାରେ ଋଣ ମିଳିପାରୁନି

■ ବ୍ୟାଙ୍କ ନିୟମ ବାଧକ ସାଜୁଛି
■ ନିୟମ କୋହଳ କରିବାକୁ ଦାବି




ବ୍ରହ୍ମବରଦା,୩୦।୯ (ଯଯାତି କେଶରୀ ବେହେରା): ରାଜ୍ୟ ସରକାରଙ୍କ ତରଫରୁ ଆରମ୍ଭ ହୋଇଥିବା 'ମୋ ଘର' ଯୋଜନାରେ ଋଣ ମିଳି ପାରୁନାହିଁ। ଫଳରେ ଋଣ ପାଇଁ ଆବେଦନ କରିଥିବା ଅନେକ ବ୍ୟକ୍ତି ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଲୋକଙ୍କ ଆବେଦନ ବ୍ଲକ୍ କାର୍ଯ୍ୟାଳୟରୁ ଯାଞ୍ଚ ହୋଇ ବ୍ୟାଙ୍କକୁ ଆସୁଛି। ହେଲେ ବ୍ୟାଙ୍କ ନିୟମରେ ଋଣ ମିଳିବା କଷ୍ଟକର ହୋଇପଡୁଛି। ତେଣୁ ନିୟମରେ ସଂଶୋଧନ କରି ଆବେଦନକାରୀଙ୍କୁ ଋଣ ପ୍ରଦାନ କରିବାକୁ ଦାବି ହୋଇଛି।

ମୋ ଘର ଯୋଜନାରେ ଋଣ ପାଇବାକୁ ହେଲେ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବାକୁ ପଡୁଛି। ମାସିକ ସର୍ବାଧିକ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ଲୋକେ ଏହି ଯୋଜନାରେ ଋଣ ପାଇପାରିବେ। ଏଥିରେ ସର୍ବାଧିକ ୩ ଲକ୍ଷ ଏବଂ ସର୍ବନିମ୍ନ ୧ଲକ୍ଷ ଟଙ୍କା ଋଣ ବ୍ୟବସ୍ଥା ରହିଛି। ସରକାରଙ୍କ ତରଫରୁ ସବସିଡିର ବ୍ୟବସ୍ଥା ମଧ୍ୟ କରାଯାଇଛି। ଋଣ ପରିଶୋଧ ସମୟ ସୀମା ୧୦ବର୍ଷ ପର୍ଯ୍ୟନ୍ତ ରହିଛି।

ଯାଜପୁର ଜିଲାରେ ମୋଟ ୪୨୨୧୯ଜଣ ଋଣ ପାଇଁ ପଞ୍ଜୀକରଣ କରିଥିବାବେଳେ ସେଥିରୁ ୩୩୬୭୫ ଜଣଙ୍କ ଫର୍ମ ସମ୍ପୂର୍ଣ୍ଣ ହୋଇଛି। ୧୪୧୮୯ ଜଣଙ୍କ ଫର୍ମ ବ୍ଲକ୍ ଦ୍ୱାରା ଯାଞ୍ଚ ହୋଇ ବ୍ୟାଙ୍କକୁ ସୁପାରିସ କରାଯାଇଛି। ଏହିକ୍ରମରେ ରସୁଲପୁର ବ୍ଲକ୍‌ର ମୋଟ୍ ୩୫୦୯ଜଣ ପଞ୍ଜୀକରଣ କରିଥିବାବେଳେ ୨୬୭୧ଜଣଙ୍କ ଫର୍ମ ପୂରଣ ସମ୍ପୂର୍ଣ୍ଣ କରିଛନ୍ତି। ୧୯୩୧ଜଣଙ୍କ ଫର୍ମ ବ୍ଲକ୍ ଦ୍ୱାରାଯାଞ୍ଚ ହୋଇ ବ୍ୟାଙ୍କକୁ ସୁପାରିସ କରାଯାଇଛି। ହେଲେ ଜଣଙ୍କୁ ଛାଡ଼ିଦେଲେ ଆଉ କାହାରିକୁ ଋଣ ମିଳି ପାରିନାହିଁ। ବ୍ଲକ୍‌ର ବ୍ରହ୍ମବରଦା ପଞ୍ଚାୟତରେ ୭୪ଜଣ ପଞ୍ଜୀକରଣ କରିଥିବାବେଳେ ୫୦ଜଣ ଫର୍ମ ପୂରଣ ସମ୍ପୂର୍ଣ୍ଣ କରିଛନ୍ତି। ବ୍ଲକ୍ ଦ୍ୱାରା ୩୭ ଫର୍ମ ଯାଞ୍ଚ ହୋଇ ଆବେଦନକାରୀ ଚୟନ କରିଥିବା ବ୍ୟାଙ୍କକୁ ସୁପାରିସ କରାଯାଇଛି। ସେହିପରି ମହେଶ୍ୱରପୁର ପଞ୍ଚାୟତରେ ୫୨ଜଣ ଆବେଦନ କରିଥିବାସ୍ଥଳେ ୨୨ଜଣଙ୍କ ଫର୍ମ ବ୍ୟାଙ୍କରେ ପଡ଼ିରହିଛି। ବନ୍ଧଡ଼ିହରେ ୬୭ଜଣ ଆବେଦନ କରିଥିବାବେଳେ ୨୩ ଜଣଙ୍କ ଫର୍ମ ବ୍ୟାଙ୍କରେ ପଡ଼ି ରହିଛି। ଏ ନେଇ ଜଣେ ଆବେଦନକାରୀ ମହେଶ୍ୱର ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ତାଙ୍କ ଆବେଦନପତ୍ର ଯାଞ୍ଚ ହୋଇସାରିଛି। ହେଲେ ବ୍ୟାଙ୍କ ତରଫରୁ କେବେ ଋଣ ମିଳିବ ତାହାକୁ ସେ ଅପେକ୍ଷା କରି ରହିଛନ୍ତି। ଏ ସମ୍ପର୍କରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ବ୍ରହ୍ମବରଦା ଶାଖା ପରିଚାଳକ ଚିନ୍ମୟ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଅନେକ ଆବେଦନକାରୀଙ୍କ ନିଜ ନାମରେ ପଟ୍ଟା ନ ଥିବାରୁ ଋଣ ପ୍ରଦାନରେ ଅସୁବିଧା ହେଉଛି। ଯେଉଁ ଆବେଦନକାରୀଙ୍କ ନିଜ ନାମରେ ପଟ୍ଟା ଅଛି ବ୍ୟାଙ୍କ ତରଫରୁ ସେମାନଙ୍କୁ ତୁରନ୍ତ ଋଣ ପ୍ରଦାନ କରାଯାଉଛି। ଜେଜେ ବାପା କିମ୍ବା ବାପାଙ୍କ ନାମରେ ପଟ୍ଟା ଥିବାରୁ ଆବେଦନକାରୀ ଋଣ ପାଇବାରୁ ବଞ୍ଚିତ ହେଉଛନ୍ତି।

# ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର କର୍ମକର୍ତ୍ତା।

ରସୁଲପୁର,୩୦।୯(ରଞ୍ଜିତ ରାଉତ): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଯାଜପୁର ଶାଖା ପକ୍ଷରୁ କୁଆଖିଆସ୍ଥିତ ହରଗୌରୀ ମନ୍ଦିର ପ୍ରାଙ୍ଗଣରେ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଯାଜପୁର ଜିଲା ସଭାପତି ଇଂ. ବିଶ୍ୱଜିତ ମହାନ୍ତି ସଭାପତିତ୍ୱ କରିଥିଲେ। ଜିଲା ସମ୍ପାଦକ ସତ୍ୟରଞ୍ଜନ କର ବୈଠକର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଗୋପବନ୍ଧୁ ଜୟନ୍ତୀ ମଧ୍ୟରେ ଜିଲାର ପ୍ରତ୍ୟେକ ବ୍ଲକରେ ଅନୁଷ୍ଠାନର ବ୍ଲକ କମିଟି ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ସହ ୧୯୫୬ ନିଶାନିବାରଣ ଆଇନ ଲାଗୁ ପାଇଁ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏଥିସହିତ ଅକ୍ଟୋବର ୯ରେ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ସ୍ଥିର କରାଯାଇଛି। ବୈଠକରେ ଦୁର୍ଗାଚରଣ ବାରିକ, ମନୋଜ କୁମାର ମିଶ୍ର, ଭୁବନାନନ୍ଦ ସାମଲ, ନୃସିଂହ ଚରଣ ମିଶ୍ର, ବୈକୁଣ୍ଠ ବିହାରୀ ଜେନା, ନଗେନ ଚନ୍ଦ୍ର ଓ ଧୀରେନ୍ଦ୍ର ନାୟକ ସମେତ ଜିଲାର ୧୦ଟି ବ୍ଲକର ନିଶା ନିବାରଣ କର୍ମୀ ଉପସ୍ଥିତ ରହି ନିଜ ମତ ଉପସ୍ଥାପନା କରିଥିଲେ।

# ଜାରକା ଓଭରବ୍ରିଜ୍ ତଳ ଅନ୍ଧାର



ଜାରକା ଓଭରବ୍ରିଜ୍ ତଳ ଅନ୍ଧାର ହୋଇଛି।

କାଏମା,୩୦।୯(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ବଜାର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣବେଳେ ୨ ଓଭରବ୍ରିଜ ନିର୍ମାଣ କରାଯାଇଛି। ହେଲେ ଓଭରବ୍ରିଜ୍ ତଳ ଅନ୍ଧକାର ହୋଇଛି। ସେହିପରି ଜାରକା ଫାଣ୍ଡି ସମ୍ମୁଖ ଓଭରବ୍ରିଜ ତଳ ରାସ୍ତା ମଧ୍ୟ ଭାଗରେ ଡିଭାଇଡର ନାହିଁ। ଯାହାକୁ ନେଇ ଯାତ୍ରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ବହୁ ଦାବି ଓ ଆନ୍ଦୋଳନ ପରେ ୨ବର୍ଷ ପୂର୍ବେ ଜାରକାରେ ଓଭରବ୍ରିଜ ନିର୍ମାଣ ହୋଇଥିଲା। ବର୍ଷେ ପାଖାପାଖି ହେବ ଏହି ରାସ୍ତା ଦେଇ ଲୋକେ ଯାତାୟାତ କରୁଛନ୍ତି। ଏଠାରେ ଦିନ ଓ ରାତି ସବୁ ସମୟରେ ଯାତ୍ରୀ ବସକୁ ଅପେକ୍ଷା କରିଥାନ୍ତି। ତେଣୁ ଅନେକ ସମୟରେ ଭିଡ ଦେଖିବାକୁ ମିଳେ। କିନ୍ତୁ ଏହି ଓଭରବ୍ରିଜ ତଳ ରାସ୍ତାରେ ଡିଭାଇଡର ନ ଥିବାରୁ ବେପରୁଆ ବାଇକ ଆରୋହୀ ଦ୍ରୁତ ଗତିରେ ଗାଡ଼ି ଚଳାଇ ଯାଉଛନ୍ତି। ଫଳରେ ଯାତ୍ରୀ ଓ ପଥଚାରୀ ଭୟଭିତ ହୋଇ ପଡୁଛନ୍ତି। ସେହିପରି ରାତ୍ର ସମୟରେ ମଧ୍ୟ ଅନେକ ସମସ୍ୟା ଦେଖିବାକୁ ମିଳୁଛି। ରାତିରେ ବସରୁ ଯାତ୍ରୀ ଓହ୍ଲାଇବା ପରେ ଅନ୍ଧକାର ପରିବେଶରେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ପ୍ରତ୍ୟେକ ଦିନ ଏହି ବାଟେ ଅନେକ ବ୍ୟବସାୟୀ ଓ ପିଲା ଟିଉସନ ସାରି ଫେରନ୍ତି। ଲାଇଟ ଜଳୁ ନ ଥିବାରୁ ଅନ୍ଧକାରରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଖ ଅଞ୍ଚଳରେ ଦିନକୁ ଦିନ ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ବଢ଼ି ଚାଲିଛି। ଲୁଟପାଟ ଭଳି ଘଟଣା ଘଟୁଥିବାରୁ ସାଧାରଣରେ ଭୟ ସୃଷ୍ଟି ହୋଇଛି। ତେଣୁ ଓଭରବ୍ରିଜ ଓ ଗଳିପୋଲକୁ ଆଲୋକୀକରଣ ସହ ଡିଭାଇଡର ବ୍ୟବସ୍ଥା କରିବାକୁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ଦାବି କରିଛନ୍ତି।

### ଲକ୍ଷ୍ମୀପୂଜା ପାଇଁ ମାଟି ଉଠାଣ

କଳିଙ୍ଗନଗର,୩୦।୯(ଶୁଭାଶିଷ ରାଉତ): କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତ ଗୋଡ଼ିପାଟଣା ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଧୂନି ଗୋସେଇଁଙ୍କ ମଠରେ ଲକ୍ଷ୍ମୀପୂଜା କମିଟି ଅଧ୍ୟକ୍ଷ ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଉଠାଣ କରାଯାଇଛି। କମିଟି ସଦସ୍ୟ ପୂଜାମଣ୍ଡପ ନିକଟରୁ ନାମ ସଂକୀର୍ତ୍ତନରେ ନିକଟସ୍ଥ ପୁଷ୍କରିଣୀକୁ ଯାଇ ମାଟି ଉଠାଣ କରିଛନ୍ତି। ପରେ ଧୂନି ଗୋସେଇଁଙ୍କ ମଠରେ ଭାଗବତ ଜନ୍ମ ପାଳନ କରାଯାଇଛି। ଗ୍ରାମ୍ୟ ପୂଜକ ପଣ୍ଡିତ ଜଗନ୍ନାଥ ପାଢ଼ୀଙ୍କ ସହ ରଘୁନାଥ ସାହୁ, ମାଧବ ଚନ୍ଦ୍ର ସାହୁ, ସୁରେନ୍ଦ୍ର କୁମାର ସାହୁ, ନାରାୟଣ ବିନ୍ଧାଣୀ, ବିଷ୍ଣୁଚରଣ ବିନ୍ଧାଣୀ, ଅଭିନ ମହାକୁଡ଼, ଜୟନ୍ତ କୁମାର ସାହୁ, ବନମାଳୀ ସାହୁ, ଆଲୋକ ଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ସାହୁ, ଦିବାକର ମାଝି, ଭୀମ ପୃଷ୍ଟି, ଶ୍ରୀଧର ନାଥ ଓ ଟୁକୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନାବାଳିକାଙ୍କ ଚିକିତ୍ସା ପାଇଁ ହେଲ୍‌ପିଙ୍ଗ ଗ୍ରୁପ୍‌ର ସହାୟତା

ପାଣିକୋଇଲି,୩୦।୯(ବିକାଶ ମଲ୍ଲିକ): ପାଣିକୋଇଲିର ଅଗ୍ରଣୀ ସାମାଜିକ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ୍ ପକ୍ଷରୁ ଜଣେ ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କ ନାବାଳିକା ଝିଅଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସମ୍ପୃକ୍ତ ନାବାଳିକା ହେଲେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଅଞ୍ଚଳର ବାବୁ ମଲିକଙ୍କ ଝିଅ। ସେ ବୋନ ଟିବି ରୋଗରେ ପୀଡ଼ିତ ହୋଇ କଟକରେ ଚିକିତ୍ସିତ ହେଉଛନ୍ତି। ବାବୁ ଜଣେ ଶ୍ରମିକ ଶ୍ରେଣୀର ହୋଇଥିବାରୁ ଝିଅର ଚିକିତ୍ସା ନିମନ୍ତେ ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ଅଗଷ୍ଟ ୧୦ ତାରିଖରେ କଟକ ବଡ଼ ଡାକ୍ତରଖାନାରେ ନାବାଳିକାଙ୍କ ଅସ୍ତ୍ରୋପଚାର ହୋଇ ମେରୁଦଣ୍ଡରେ କ୍ଲିପ ଲାଗିଥିବାବେଳେ ୨୩ ତାରିଖରେ ସେ ଘରକୁ ଆସିଥିଲେ। ପୁନର୍ବାର ପରୀକ୍ଷା ନିମନ୍ତେ ଅର୍ଥ ନ ଥିବାରୁ ସେ କଟକ ନେଇପାରୁ ନ ଥିଲେ। ଗ୍ରୁପର ସଦସ୍ୟ ଅଜିତ କୁମାର ସାହୁ ଏକଥା ଜାଣିବା ପରେ ବାବୁଙ୍କୁ ଆର୍ଥିକ ସହାୟତା କରିବା ସହିତ ଗ୍ରୁପକୁ ସହାୟତା କରିବାକୁ ଅନୁରୋଧ କରିଥିଲେ। ଗ୍ରୁପ ପକ୍ଷରୁ ସଭାପତି ଅଶୋକ କୁମାର ଦାସ, ସମ୍ପାଦକ ମେଘନାଦ ଜେନା, କୋଷାଧ୍ୟକ୍ଷ ହରେକୃଷ୍ଣ ସାହୁ, ଉପଦେଷ୍ଟା ତାରିଣୀ କୁମାର ପଟ୍ଟନାୟକ ପ୍ରମୁଖ ବାବୁଙ୍କୁ କଟକ ଯିବା ବାଟରେ ପାଣିକୋଇଲିଠାରେ ଆର୍ଥିକ ସାହାଯତା ପ୍ରଦାନ କରିଛନ୍ତି। ଏଥି ସହିତ ନାବାଳିକାଙ୍କ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରିବାକୁ ଗ୍ରୁପ ତରଫରୁ ଓଡ଼ିଶାବାସୀଙ୍କୁ ନିବେଦନ କରାଯାଇଛି।

### ଜାରକା ରୋଟାରି କ୍ଲବ୍‌ର ଚାରାରୋପଣ




ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

ଧର୍ମଶାଳା,୩୦।୯(ବଟକୃଷ୍ଣ ପରିଡ଼ା): ଜାରକା ରୋଟାରି କ୍ଲବ୍ ପକ୍ଷରୁ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। କଲେଜ ଅଧ୍ୟକ୍ଷ ତପନ କୁମାର ମିଶ୍ର, ପ୍ରାଧ୍ୟାପକ ଜୟନ୍ତ କୁମାର ସାହୁ, ପ୍ରାଧ୍ୟାପିକା ଆରତୀ ମିଶ୍ର ଓ ଅଧ୍ୟାପିକା ସସ୍ମିତା ଶରଣ ଯୋଗଦେଇ ଚାରାରୋପଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିବା ସହିତ ଚାରାରୋପଣ ପରେ ଏହାର ସୁରକ୍ଷା ଓ ଯତ୍ନ ନେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପରେ କ୍ଲବ୍ ସଭାପତି ଇଂ. ବିପିନ୍ କିଶୋର ଷଡ଼ଙ୍ଗୀ ଓ ସମ୍ପାଦକ ଜୟଗୁରୁ ପାତ୍ରଙ୍କ ସମେତ ଛାତ୍ରୀଛାତ୍ର ବିଭିନ୍ନ କିସମର ଚାରାରୋପଣ କରିଥିଲେ।

# ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ

ପାଣିକୋଇଲି,୩୦।୯(ବିକାଶ ମଲ୍ଲିକ): କୋରେଇ ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ କରଦା ପଞ୍ଚାୟତରେ ଘରେ ଘରେ କଂଗ୍ରେସ ଓ ଘରେ ଘରେ ହାତ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ କରଦା କଲ୍ୟାଣ ମଣ୍ଡପଠାରେ ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ଦଳିତ ସେଲ ଜିଲା ସଭାପତି ଦୁର୍ଯ୍ୟୋଧନ ବେହେରା, ପ୍ରମୋଦ ପରିଡ଼ା, ଜୟନ୍ତୀ ସାହୁ, ରବୀନ୍ଦ୍ର ନାୟକ, ନିରଞ୍ଜନ ମଳିକ, ନରହରି କୁଅଁର, ପ୍ରିୟବ୍ରତ ସାହୁ, ଅମିତ ଜେନା, ଉମାକାନ୍ତ ବେହେରା, ବିଷ୍ଣୁ ମୋହନ ବେହେରା, ନାରାୟଣ ବେହେରା ଓ ମଦନ ମୋହନ ବେହେରା ପ୍ରମୁଖ ଯୋଗଦେଇଥିଲେ। କରଦା ଗାନ୍ଧୀ ପୀଠଠାରୁ ଏକ ଶୋଭାଯାତ୍ରା ରାଣୀଗୋଡ଼ା, ମାଳଦା, ଭକଣ୍ଡରୀ, ବଢେଇସାହି ଓ ବରୁଣାଇ ପଦା ଗ୍ରାମ ପରିକ୍ରମା କରି ଭକଣ୍ଡରୀଠାରେ ସମାପନ କରାଯାଇଥିଲା। ଏଥିରେ ପଞ୍ଚାୟତ ସଭାପତି କାର୍ତ୍ତିକ ଚନ୍ଦ୍ର ସାହୁ, ଉପସଭାପତି କାଳନ୍ଦୀ ସାହୁ ସମ୍ପାଦକ କୈଳାସ ସାହୁ, ମହିଳା ସଭାପତି ମୋନିକା ମଳିକ, ନବୀନ ମଳିକ, ଗୋବିନ୍ଦ ସାହୁ, ଗଣେଶ ମଳିକ, ରଙ୍କନିଧି ଭୂୟାଁ, ମୁରଲୀ ମଳିକ, ଚକ୍ରଧର ବାରିକ, ବିରଜା ପ୍ରସାଦ ଚୌଧୁରୀ, ପ୍ରଶାନ୍ତ ମଳିକ, ବସନ୍ତ ମଳିକ, ସୁନାକର ମଳିକ, ଶୁକୁଟା ପଣ୍ଡା, ରବି ବେହେରା, ସୁବାସ ବେହେରା, ବସନ୍ତ ବେହେରା, ନିଲୁ ବେହେରା, ଦୋରା ମଳିକ ଓ ଶମ୍ଭୁ ମଳିକଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ଥିଲେ। ନିର୍ବାଚନ ପୂର୍ବରୁ ସମସ୍ତ ସ୍ଥାନରେ ଏହି କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

# କାର୍-ବାଇକ୍ ମୁହାଁମୁହିଁ ଧକ୍କା: ୨ ଗୁରୁତର



ଦୁର୍ଘଟଣାପରେ କାର୍ ରାସ୍ତାକଡ଼କୁ ଖସିପଡ଼ିଛି।

ପାଣିକୋଇଲି,୩୦।୯(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର-ଯାଜପୁର ରାସ୍ତାର ମାଧପୁର ନିକଟରେ ଏକ କାର ଓ ବାଇକ୍ ମଧ୍ୟରେ ଶନିବାର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ କାରଟି ରାସ୍ତା କଡ଼କୁ ଖସି ପଡ଼ିଛି। ଉକ୍ତ ଦୁର୍ଘଟଣାରେ ବାଇକ ଆରୋହୀ ମଙ୍ଗଳପୁର ଥାନା ଅନ୍ତର୍ଗତ ଅଳକୁଣ୍ଡ ଗ୍ରାମର ପ୍ରିୟବ୍ରତ ଭୂୟାଁ ଓ କାରରେ ଥିବା ଖବରଦାତା ମାନସ ରଞ୍ଜନ ଧଳ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯିବା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଅପରାହ୍ନ ୩ଟା୫୦ରେ ଖବରଦାତା ଧଳ ନିଜ କାର୍ (ଓଡି-୩୪-ପି-୦୧୮୪)ରେ ଯାଜପୁର ଟାଉନରୁ ସଠିପୁର ଆସୁଥିବାବେଳେ ବିପରୀତ ଦିଗରୁ ବାଇକ(ଓଡି-୩୪-ପି-୯୨୦୯)ରେ ଭୂୟାଁ ଯାଜପୁରକୁ ଯାଉଥିଲେ। ମାଧପୁର ନିକଟରେ ଉଭୟ ଗାଡ଼ି ମଧ୍ୟରେ ଧକ୍କା ହୋଇଥିଲା। ବାଇକ ଆରୋହୀଙ୍କୁ ବଞ୍ଚାଇବା ଲାଗି ଭାରସାମ୍ୟ ହରାଇ କାରଟି ରାସ୍ତା କଡ଼କୁ ଖସି ଯାଇଥିଲା। ଖବର ପାଇ ପାଇକୋଇଲି ଥାନା ଏଏସ୍‌ଆଇ ପ୍ରତାପ ଚନ୍ଦ୍ର ଗଡ଼ନାୟକ, ମନମୋହନ ବାରିକ, ବିଜୟ ଗୁଡ଼ୱିଲ, ଶ୍ରୀଧର ହେମ୍ରମ ଓ ଗଣେଶ ଲେଙ୍କା ପହଞ୍ଚି ସ୍ଥାନୀୟ ବ୍ୟକ୍ତିଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରିବା ସହ ଗାଡ଼ି ଦୁଇଟିକୁ ଜବତ କରିଥିଲେ।

# ଖାଦାନ ଲିଜ୍‌ଧାରୀଙ୍କଠାରୁ ଜରିମାନା ଅର୍ଥ ଆଦାୟ ଦାବି

ଧର୍ମଶାଳା ଅତିରିକ୍ତ ତହସିଲଦାରଙ୍କୁ ଭାଜପାର ଦାବିପତ୍ର

ଧର୍ମଶାଳା/କାଏମା,୩୦।୯ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି): ବେଆଇନଭାବେ ଅଧିକ କଳାପଥର ଉତ୍ତୋଳନ କରିଥିବା ଖାଦାନ ଲିଜଧାରୀଙ୍କଠାରୁ ଜରିମାନା ଅର୍ଥ ଆଦାୟ ପାଇଁ ଦାବି ହୋଇଛି। ଏନେଇ ଶନିବାର ଧର୍ମଶାଳା ଭାଜପା ପକ୍ଷରୁ ଧର୍ମଶାଳା ଅତିରିକ୍ତ ତହସିଲଦାର ତପନ କୁମାର ମଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛିଯେ, ଧର୍ମଶାଳା ତହସିଲ ଅଧୀନ ବିଭିନ୍ନ କଳାପଥର ଖାଦାନରେ ଲିଜଧାରୀ ବେଆଇନଭାବେ ଆବଶ୍ୟକ ପରିମାଣଠାରୁ ଅଧିକ କଳାପଥର ଉତ୍ତୋଳନ କରିଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରାଯାଇ ୧୭ଜଣ ଲିଜଧାରୀଙ୍କଠାରୁ ମୋଟ୍ ୨୮୯ କୋଟି ୧ ଲକ୍ଷ ୯୬ ହଜାର ୪୪୭ଟଙ୍କା ଜରିମାନା ଆଦାୟ ପାଇଁ ତହସିଲ ପକ୍ଷରୁ ୧୨।୮।୨୦୨୨, ୧୩।୧୨।୨୦୨୨, ୧୩।୪।୨୦୨୩ ଓ ୧୦।୫।୨୦୨୩ରେ ନୋଟିସ କରାଯାଇଥିଲା। ହେଲେ ସମ୍ପୃକ୍ତ ଲିଜଧାରୀମାନେ ଏହି ଜରିମାନା ଅର୍ଥ ପାଇଠ ନ କରି ଏବେ ବି ବେଆଇନଭାବେ ଖନନ କରୁଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ତହସିଲ ପକ୍ଷରୁ ଡିମାଣ୍ଡ ନୋଟିସ ପରେ ଲିଜଧାରୀ ହାଇକୋର୍ଟଙ୍କ ନିକଟରେ ପିଟିସନ ଦାଖଲ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଏକ ସପ୍ତାହ ମଧ୍ୟରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଭାଜପା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ଧର୍ମଶାଳା ଭାଜପା ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଶାନ୍ତି ବଜାରସ୍ଥିତ ଭାଜପା କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ନାରାବାଜି କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଭାଜପା କର୍ମୀ ହେମନ୍ତ ଆଚାର୍ଯ୍ୟ, ନେତ୍ରାନନ୍ଦ ପାତ୍ର, କଳ୍ପତରୁ ନାୟକ, ତପନ ମାହୁନ୍ତ, ଦିଲୀପ ପ୍ରଧାନ, ଅଜିତ ବେହେରା, ସାଗର ଦାସ ଓ ଦୁଃଶାଶନ ଘଡ଼ାଇ ପ୍ରମୁଖ କର୍ମୀ ଯୋଗ ଦେଇଥିଲେ।



ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବିଧାୟକ ହୋଟେଲ କରିଥିବା ପ୍ରମାଣ ସାର୍ବଜନୀନ କରୁ କଂଗ୍ରେସ

ରାଜନଗର,୩୦।୯(ଭାସ୍କର ରାଉତରାୟ)


ବିଜୁ ଜନତାଦଳର ସାମ୍ବାଦିକ ସମ୍ମିଳନୀ।

ଜଙ୍ଗଲ ଜମିରେ ରାଜନଗର ବିଧାୟକ ହୋଟେଲ କରିଥିବା ନେଇ ଶୁକ୍ରବାର କଂଗ୍ରେସ ପକ୍ଷରୁ ତୁମ୍ବି ତୋଫାନ କରାଯାଇଥିଲା। ବିଧାୟକଙ୍କ କୁଶ ପୁତ୍ତଳିକାଠୁ ଆରମ୍ଭ କରି ଡିଏଫ୍‌ଓ ଅଫିସ ଆଗରେ ପ୍ରତିବାଦ ସଭା କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀ କରି କଂଗ୍ରେସ ବର୍ଷିଥିଲା। ମାତ୍ର ଶନିବାର ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ଘଟଣାକୁ ନିନ୍ଦା କରାଯାଇଛି। କଂଗ୍ରେସ ଯେଉଁ ଅଭିଯୋଗ ଆଣିଛି, ତା'ର ସାମାନ୍ୟତମ ସତ୍ୟତା ନାହିଁ। ଯେଉଁ ସ୍ଥାନରେ ହୋଟେଲ ହୋଇଛି, ତାହା ସୂର୍ଯ୍ୟ ନାରାୟଣ ଲେଙ୍କାଙ୍କ ବ୍ୟକ୍ତିଗତ ଜମି ଏବଂ ହୋଟେଲ ଟି ତାଙ୍କର ବୋଲି ପ୍ରେସ ବିବୃତିରେ ଲେଙ୍କା ସ୍ପଷ୍ଟ କରିଛନ୍ତି। ଯଦି କଂଗ୍ରେସ ପାଖରେ ବିଧାୟକ ଜବରଦଖଲ କରିବା ଓ ହୋଟେଲ କରିବାର କୌଣସି ପ୍ରମାଣ ଅଛି, ତାହାକୁ ସାର୍ବଜନୀନ କରୁ ବୋଲି ବିଜେଡି କହିଛି।

ରାଜନଗର ବ୍ଲକର ମହିଁଷାସୁର ଠାରେ କେସି ହାଉସରେ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ଓବିସି ସେଲ ସଭାପତି ବିଜୟ ନାୟକ, ବିଜୁ ଜନତା ଦଳର ଉପସଭାପତି ଗୋବର୍ଦ୍ଧନ ପ୍ରଧାନ, ଅରୁଣ ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ ପ୍ରମୁଖ କଂଗ୍ରେସ ଉପରେ ବର୍ଷିବା ସହ କଂଗ୍ରେସର ମିଛ ଚକ୍ରାନ୍ତ ଧରା ପଡିଯାଇଛି। କଂଗ୍ରେସ ଏଥିପାଇଁ କ୍ଷମା ପ୍ରାର୍ଥନା କରୁ ନଚେତ୍ ଆମେ ଆଇନର ଆଶ୍ରୟ ନେବୁ। ବିଧାୟକ କୌଣସି ସ୍ଥାନରେ ଜଙ୍ଗଲ ଜମି ହେଉ କି ସରକାରୀ ଜମି ଦଖଲ କରିନାହାଁନ୍ତି। ଯଦି କଂଗ୍ରେସ ପାଖରେ ପ୍ରମାଣ ଅଛି, ଆମେ ଆହ୍ୱାନ କରୁଛୁ ତାକୁ ସାର୍ବଜନୀନ କରନ୍ତୁ। କଂଗ୍ରେସ ଦଳର ପରମ୍ପରା ହେଉଛି ସରକାରୀ ଜମି ଓ ସରକାରୀ ସମ୍ପତ୍ତି ହଡପ କରିବା। ରାଜନଗର ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ଗର୍ଜନପୁର ମୌଜାର ଖାତା ନଂ ୨୦୭, ପ୍ଲଟ ନଂ ୬୨୭ ଗୋଚର କିସମ ଜମିରେ ନିର୍ମାଣ ହୋଇଛି। ପାଣିବାଟ ଜବର ଦଖଲ କରି ଏବେ ବି ନିର୍ମାଣ ଜାରି ରହିଛି। ବାଲିସାହିପାଟଣାର ପୂର୍ବତନ ସରପଞ୍ଚ ଅଶୋକ କୁମାର ବଳଙ୍କ ନାଁରେ ଜବରଦଖଲ ପାଉତି କାଟି କଂଗ୍ରେସ ଏହି କାର୍ଯ୍ୟାଳୟ ନିର୍ମାଣ କରିଛି। ବଡ ବଡ କଥା କହୁଥିବା କଂଗ୍ରେସ ପ୍ରଥମେ ଆଇନକୁ ସମ୍ମାନ ଦେଇ ଜବରଦଖଲରେ ଥିବା କଂଗ୍ରେସ କାର୍ଯ୍ୟାଳୟକୁ ଭାଙ୍ଗି ଗୋଚର ଜମିକୁ ଜବରଦଖଲ ମୁକ୍ତ କରୁ। ୭ଦିନ ମଧ୍ୟରେ କଂଗ୍ରେସ କାର୍ଯ୍ୟାଳୟ ଭଙ୍ଗା ନ ଗଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଏହି ଖବରଦାତା ସମ୍ମିଳନୀରେ କୁହାଯାଇଛି।

■ ସରକାରୀ ଗୋଚର ଜମିରେ ତିଆରି ହୋଇଛି କଂଗ୍ରେସ କାର୍ଯ୍ୟାଳୟ
■ ୭ ଦିନ ଭିତରେ କଂଗ୍ରେସ କାର୍ଯ୍ୟାଳୟ ଭଙ୍ଗା ନ ଗଲେ ବିଜେଡି ରାସ୍ତାକୁ ଓହ୍ଲାଇବ

ଏହି ଖବରଦାତା ସମ୍ମିଳନୀରେ ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଛାତ୍ର ବିଜେଡି ସଭାପତି ମନୋଜ କୁମାର ମଲିକ, ରାଜନଗର ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର, ମହିଁଷାସୁର ସରପଞ୍ଚ ଅଶୋକ କୁମାର ମହାନ୍ତି, ସାନବଡଗୋପାଳପୁର ପଞ୍ଚାୟତ ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ନେତା ସର୍ବେଶ୍ୱର ମହାନ୍ତି, ପ୍ରଦୀପ କୁମାର ଲେଙ୍କା, ରମଣୀ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଜମି ମାଲିକ ସୂର୍ଯ୍ୟ ନାରାୟଣ ଲେଙ୍କା ପ୍ରେସବିବୃତିରେ କହିଛନ୍ତି, ହୋଟେଲର ଖାତା ନଂ. ପ୍ଲଟ ନଂ. ଦେଇ ଯେଉଁ ତଥ୍ୟ ଉପସ୍ଥାପନ କରିଛନ୍ତି, ସେ ଜମି ଆମ୍ଭ ନାଁରେ ରହିଛି। ସରକାରଙ୍କ ସମସ୍ତ ନୀତି ନିୟମ ଆଧାରରେ ବାଙ୍କୁଆଳ ମୌଜାରେ ଖାତା ନଂ ୬/୧, ପ୍ଲଟ ନଂ ୩୫ ରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଘର ଓ ହୋଟେଲ ମୋ ସ୍ତ୍ରୀ ଋଣ କରି ନିର୍ମାଣ କରିଛନ୍ତି। ମୋ ସ୍ତ୍ରୀଙ୍କ ସହିତ ମୋ ଶ୍ୱଶୁର ଏବଂ ମୋ ବନ୍ଧୁ ମୋହନ ଚନ୍ଦ୍ର ବିଶ୍ୱାଳ ମିଳିତ ଭାବେ ଏହି ହୋଟେଲ ନିର୍ମାଣ କରିଛନ୍ତି। ଆମ୍ଭ ହୋଟେଲକୁ ଅନ୍ୟ ଜଣଙ୍କ ନାଁରେ ପ୍ରଚାର କରିବା ଓ ଏହାକୁ ନେଇ ରାଜନୈତିକ ପ୍ରସଙ୍ଗ କରିବା ହାସ୍ୟାସ୍ପଦ ଘଟଣା। ଏହି ଘର ଓ ହୋଟେଲର ମାଲିକାନାରେ ବିଧାୟକଙ୍କ କୌଣସି ସଂପୃକ୍ତି ନାହିଁ କିମ୍ବା ଆମ୍ଭେ କୌଣସି ଜଙ୍ଗଲ ଜମି ଜବରଦଖଲ କରିନାହୁଁ ବୋଲି ପ୍ରେସବିବୃତିରେ ସ୍ପଷ୍ଟ କରିବା ସହିତ ଏହାକୁ ନେଇ ହୀନ ରାଜନୀତି ନ କରିବାକୁ ସେ ଅନୁରୋଧ କରିଛନ୍ତି। ନହେଲେ ଆମେ ଆଇନର ଆଶ୍ରୟ ନେବୁ ବୋଲି ପ୍ରେସ ବିବୃତିରେ ଜଣାଇଛନ୍ତି।

## ମହେଶ୍ୱରଙ୍କ ଚିକିତ୍ସା ପାଇଁ ରେଡ୍‌କ୍ରସ୍‌ରୁ ସହାୟତା


ରେଡ୍‌କ୍ରସ୍ ପକ୍ଷରୁ ଅସହାୟ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଉଛି।

ରାଜନଗର,୩୦।୯(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ଜୁଣଗଡି ଗ୍ରାମର ମହେଶ୍ୱର ରାଉତ (୩୭) ଦୀର୍ଘଦିନ ହେବ ମସ୍ତିଷ୍କ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ଘରେ ଶଯ୍ୟାଶାୟୀ ଅଛନ୍ତି। ମହେଶ୍ୱରଙ୍କ ଚିକିତ୍ସା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଛି। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶ କ୍ରମେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଜୁଣଗଡି ଗ୍ରାମରେ ତାଙ୍କ ଘରେ ପହଞ୍ଚି ମହେଶ୍ୱରଙ୍କ ମାଆ ରମାମଣୀ ରାଉତଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ମହେଶ୍ୱର ସେ ପୀଡ଼ିତ ହେବା ପରେ କଟକ ବଡ଼ ଡାକ୍ତରଖାନାରେ ଅପରେଶନ କରାଯାଇଥିଲା। ଏସସିବିରେ ଅପରେଶନ ହେବା ପରେ ସେ ସଂକ୍ରମଣ ଯୋଗୁ ଗୁରୁତର ହୋଇପଡିଥିଲେ ।

## ଉତ୍କଳ ସାମ୍ବାଦିକ ସଂଘର ଦାବିପତ୍ର ପ୍ରଦାନ


୫ ଦଫା ଦାବି ସମ୍ବଳିତ ଲିଖିତ ଦାବିପତ୍ର ଏଡିଏମ୍ ନିଲୁ ମହାପାତ୍ରଙ୍କୁ ପ୍ରଦାନ କରାଯାଉଛି।

କେନ୍ଦ୍ରାପଡା, ୩୦।୯ (ଜଗନ୍ନାଥ ଧଳ)

ଉତ୍କଳ ସାମ୍ବାଦିକ ସଂଘ କେନ୍ଦ୍ରାପଡ଼ା ଜିଲା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବି ସମ୍ବଳିତ ଲିଖିତ ଦାବିପତ୍ର ଏଡିଏମ୍ ନିଲୁ ମହାପାତ୍ରଙ୍କୁ ଶନିବାର ପ୍ରଦାନ କରାଯାଇଛି । ଏସମ୍ପର୍କରେ ଜିଲା ସଭାପତି ହିମାଂଶୁ ଶେଖର ନାୟକ କହିଛନ୍ତି, ଖବରଦାତା ବୃତ୍ତି ଏବେ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛି। ସାମାଜିକ, ଅର୍ଥନୈତିକ ସୁରକ୍ଷା ବିପନ୍ନ ହେଉଛି । ତେବେ ଦେଶର ୧୭ ରାଜ୍ୟରେ ଏହି ବୃତ୍ତିଧାରୀଙ୍କୁ ସୁବିଧା ଓ ବୃତ୍ତିପାଳନ ପାଇଁ ସୁଯୋଗ ମିଳୁଛି । ଏହାକୁ ଦୃଷ୍ଟିରେ ରଖି ଜିଲା ଓ ବ୍ଲକସ୍ତରୀୟ ଖବରଦାତାଙ୍କୁ ଭତ୍ତା ଓ ଆକ୍ରିଡେଶନ ପ୍ରଦାନ, ସୁରକ୍ଷା ପାଇଁ ଆଇନ ପ୍ରଣୟନ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ମାଆ, ବାପା ଓ ୩୦ ବର୍ଷ ପର୍ଯ୍ୟନ୍ତ ଆର୍ଥିକ ଓ ସାମାଜିକ ଭାବେ ନିର୍ଭରଶୀଳ ଝିଅ ଓ ପୁଅଙ୍କୁ ସାମିଲ କରିବା, ପ୍ରେସ ଏକାଡେମୀ ଗଠନ କରିବା ଆଦି ଦାବି ପୂରଣ ପାଇଁ ପତ୍ର ଦିଆଯାଇଛି । ଏହି ଦାବି ପୂରଣ ନ ହେଲେ ସଂଘ ପକ୍ଷରୁ ଆଗାମୀ ବିଧାନସଭା ପରିଚାଳନା ସମୟରେ ଗଣଧାରଣା ଦିଆଯିବ ବୋଲି ସଭାପତି ନାୟକ ସୂଚନା ଦେଇଛନ୍ତି । ଏହି ଦାବିପତ୍ର ସମୟରେ ଜିଲା ସମ୍ପାଦକ ପ୍ରଶାନ୍ତ ନାୟକ, କୋଷାଧ୍ୟକ୍ଷ ରାଧାକାନ୍ତ ମହାନ୍ତି, ସଦସ୍ୟ ସଞ୍ଜୟ ଦାସ, ସୁବାସ ଖୁଣ୍ଟିଆ, ପ୍ରଭୁକଲ୍ୟାଣ ସେନାପତି ପ୍ରମୁଖ ସାମିଲ ହୋଇଥିଲେ ।

## ସଂକ୍ଷେପରେ

### ଆର୍ଥିକ ଅନଟନ ଯୋଗୁ ଅସୁସ୍ଥ ଯୁବକଙ୍କ ଆତ୍ମହତ୍ୟା

ରାଜକନିକା,୩୦।୯(ସଞ୍ଜୟ କୁମାର ଦାଶ)

ଦୀର୍ଘଦିନ ଧରି ପେଟ ଯନ୍ତ୍ରଣାରେ ପୀଡ଼ିତ ଥିବା ଜଣେ ଯୁବକ ଯନ୍ତ୍ରଣା ସହି ନ ପାରି ଆତ୍ମହତ୍ୟା କରିଛନ୍ତି। ଏ ନେଇ ପରିବାର ପକ୍ଷରୁ ରାଜକନିକା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ରାଜକନିକା ସଦର କଣ୍ଟପଡ଼ା ପଞ୍ଚାୟତ ଜରିସାହି ଗ୍ରାମର ରଞ୍ଜନ କୁମାର ଦାସ (୪୫) କିଛି ଦିନ ହେବ ପେଟ ଯନ୍ତ୍ରଣା ଭୋଗୁଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା ଆରମ୍ଭ ହୋଇଥିଲେ ମଧ୍ୟ ଆର୍ଥିକ ଅନଟନ ଏଥିରେ ବାଧକ ସାଜିଥିଲା । ଏତେ ଟଙ୍କା ଯୋଗାଡ କରିବା ତାଙ୍କ ପରିବାର ପାଇଁ କାଠିକର ପାଠ ଥିଲା । ତେଣୁ ଉପାୟଶୂନ୍ୟ ହୋଇ ନିଜ ବାରିରେ ଥିବା ଏକ ଗଛରେ ଝୁଲି ସେ ଆତ୍ମହତ୍ୟା କରିଥିବା ତାଙ୍କ ବାପା ମୀନକେତନ ଦାସ କହିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଳି ଡାକ୍ତରଖାନା ପଠାଇଛି ।

### ଇ ପତ୍ରିକା ରାଜଶ୍ରୀ ଉନ୍ମୋଚିତ, ଆଲୋଚନାଚକ୍ର

କେନ୍ଦ୍ରାପଡ଼ା,୩୦।୯(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ ପକ୍ଷରୁ ଏକ ଆଲୋଚନା ଚକ୍ର ଶନିବାର ଭଙ୍ଗୁଆଲି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାସିକ ଇ ପତ୍ରିକା ରାଜଶ୍ରୀ ଅତିଥିମାନେ ଉନ୍ମୋଚିତ କରାଯିବା ସହ କବିତା ପାଠ ଅନୁଷ୍ଠିତ ହୋଇଥିଲା । ସଂସଦ ସଭାପତି କାଶିନାଥ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୀବନ ନିର୍ମାଣରେ ସାହିତ୍ୟ ସାଧନା ଶୀର୍ଷକ ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ପତ୍ରକାର ସଚ୍ଚିନାଥ ନାଥ, ମୁଖ୍ୟବକ୍ତା ନାଟ୍ୟକାର ରମାକାନ୍ତ ନାୟକ, ସମ୍ମାନୀତ ଅତିଥି ବରିଷ୍ଠ କଳାକାର ଦୈତାରୀ ପଣ୍ଡା, କବି ବିପିନ ବିହାରୀ ବାରିକ, ଇଂ.ଭରତ ଚନ୍ଦ୍ର ବେହେରା, ଡ. ପ୍ରଦୀପ କୁମାର ପଣ୍ଡା ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ଜୀବନର ପ୍ରଥମ ପଦପାତରେ ହିଁ ମାଆ ମନ ପୁଲକିତ ହୋଇଯାଏ । ଏଠାରୁ ସୃଷ୍ଟି ହୋଇଥିବା ସାହିତ୍ୟ ଜୀବନ ଯାତ୍ରାକୁ ସନ୍ତୁଳିତ କରେ । ପରିବର୍ତ୍ତିତ ସ୍ଥିତିରେ ଜୀବନଯାତ୍ରା ସହିତ ସାହିତ୍ୟର ପରିଭାଷା ବଦଳି ଯାଏ । କେବେ ଏହା ମନରେ ଶିହରଣ ସୃଷ୍ଟି କରେ ତ କେବେ ସମାଜ ସୁଧାରିବା ପାଇଁ ସାହିତ୍ୟ ରୁଦ୍ର ରୂପ ଧାରଣ କରେ । ଜୀବନଯାତ୍ରାରେ ସାହିତ୍ୟର ସହଯୋଗ ଆନୁପାତିକ ଓ ସମାବେଶୀ ବୋଲି ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଇ ପତ୍ରିକା ରାଜଶ୍ରୀର ସେପ୍ଟେମ୍ବର ସଂଖ୍ୟା ଉନ୍ମୋଚିତ କରିଥିଲେ । ଆଶୁକବି ହେମନ୍ତ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ବହୁ ସାହିତ୍ୟିକ, କଳାକାର ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସେହିପରି ଶୋଭାମୟୀ ମହାପାତ୍ରଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ କବି ରବି ନାରାୟଣ ରାଉତ, ମଞ୍ଜୁଶ୍ରୀ ବରାଳ, ସଞ୍ଜୟ କୁମାର ରଥ, ପ୍ରଣତି ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ମାର୍ଶାଘାଇ ବ୍ଲକ ସରପଞ୍ଚ ସଂଘ।

ମାର୍ଶାଘାଇ,୩୦।୯(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାକୁ ଅଣଦେଖା କରାଯାଇଛି । ଏହାର ପ୍ରତିବାଦରେ ୧୫ ଦଫା ଦାବି ନେଇ ରାଜ୍ୟ ସରପଞ୍ଚ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଏହି ପରିପ୍ରେକ୍ଷୀରେ ମାର୍ଶାଘାଇ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟ ସରକାର ସରପଞ୍ଚମାନଙ୍କ ୧୫ ଦଫା ଦାବି ପୂରଣ କରିନାହାନ୍ତି । ସରପଞ୍ଚମାନଙ୍କଠାରୁ କାଢି ନିଆଯାଇଥିବା କ୍ଷମତା ଯଦି ପୁଣିଥରେ ହସ୍ତାନ୍ତର କରା ନ ଯାଏ ସେମାନେ କୌଣସି ସରକାରୀ କାର୍ଯ୍ୟକ୍ରମରେ ସାମିଲ ହେବେ ନାହିଁ ବୋଲି ଏକ ଦାବିପତ୍ର ବିଡିଓ ରଶ୍ମିରେଖା ମଲିକଙ୍କୁ ପ୍ରଦାନ କରିଛନ୍ତି। ସଂଘ ପକ୍ଷରୁ ଅନ୍ତେଇ ସରପଞ୍ଚ ସଞ୍ଜୟ ସେଠୀ, ରାଘବପୁର ସରପଞ୍ଚ ରମେଶ ଲେଙ୍କା, ବେରୁହାଁ ସରପଞ୍ଚ ବାବାଜୀ ସ୍ୱାଇଁ, ଶିଳିପୁର ସରପଞ୍ଚ ମଧୁସ୍ମିତା ପରିଡ଼ା, ବଛାରାଇ ସରପଞ୍ଚ ଛବିଲତା ସେଠୀ, ଆଖୁଆ ସରପଞ୍ଚ ତପନ ନାୟକ, ଯମପଡା ସରପଞ୍ଚ ମନୋଜ ପରିଡା, ତାଳସଙ୍ଗା ସରପଞ୍ଚ ଅଶାନ୍ତି ସ୍ୱାଇଁ, ବନ୍ଧକଟା ସରପଞ୍ଚ ଗୌତମ ମଲିକ, ସରପଞ୍ଚ ଭାଗବତ ବେହେର, ଦଶିପୁର ସରପଞ୍ଚ ବିକ୍ରମ ଦାଶ ଓ ଅଙ୍ଗୁଳାଇ ସରପଞ୍ଚ ମଙ୍ଗରାଜ ବେହେରା ଉପସ୍ଥିତ ଥିଲେ ।

## ପଟ୍ଟାମୁଣ୍ଡାଇରେ ଏଡିଜେ କୋର୍ଟ ଖୋଲିବା ପାଇଁ ପଦକ୍ଷେପ

ପଟ୍ଟାମୁଣ୍ଡାଇ,୩୦।୯(କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇଠାରେ ଏକ ଏଡିଜେ କୋର୍ଟ ଖୋଲିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ଶନିବାର ବିଧାନସଭାରେ ମନ୍ତ୍ରୀ ପ୍ରକାଶ କରିଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ସମେତ ରାଜନଗର ଆଳି ରାଜକନିକା ଅଞ୍ଚଳର ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ପଟ୍ଟାମୁଣ୍ଡାଇଠାରେ ଏକ ଏଡିଜେ କୋର୍ଟ ପ୍ରତିଷ୍ଠା କରିବା ଦିଗରେ ସରକାର କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ପ୍ରଶ୍ନର ଉତ୍ତରରେ ରାଜ୍ୟ ଆଇନମନ୍ତ୍ରୀ ଜଗନ୍ନାଥ ସାରକା କୋର୍ଟ ଖୋଲିବା ପାଇଁ ୨୦୧୯-୨୦ ବର୍ଷରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି କୋର୍ଟ ପାଇଁ ଆବଶ୍ୟକ ପଦ ପଦବୀ ସୃଷ୍ଟି କରାଗଲା ପରେ ସରକାର କୋର୍ଟ ପ୍ରତିଷ୍ଠା ପାଇଁ ବିଜ୍ଞପ୍ତି ପ୍ରକାଶ କରିବେ ବୋଲି ସେ କହିଛନ୍ତି ।

## ସୁନାମି ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ



ସୁନାମି ସମ୍ପର୍କିତ କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

ରାଜନଗର,୩୦।୯(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବଙ୍ଗୋପସାଗର ତଟବର୍ତ୍ତୀ ସୁନାମୀପ୍ରବଣ ୧୧ଟି ଗ୍ରାମର ଲୋକମାନଙ୍କୁ ସୁନାମି ମହାପ୍ରଳୟରୁ ରକ୍ଷା ପାଇବା ପାଇଁ ସଚେତନତା କାର୍ଯ୍ୟକ୍ରମ ଆସନ୍ତା ୪ ତାରିଖରେ ଅନୁଷ୍ଠିତ ହେବ। ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବ୍ରାହ୍ମଣସାହି, ସାତଭାୟା, ହାତିନା, କୁରୁଷ୍ଟି ଆଦି ସମୁଦ୍ରକୂଳିଆ ଗ୍ରାମରେ ମକ୍‌ଡ୍ରିଲ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯିବା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ନେଚର୍ସ କ୍ଲବର ସଂଯୋଜକ ବିରଜା ପ୍ରସାଦ ପତି, ଜିପିଇଓ ଧର୍ମାନନ୍ଦ ଦାଶ, ଓସଡମା ଜିଲା ସଂଯୋଜକ ଆଲୋଚନା କରିଥିଲେ। ଲାସ୍ତରୀୟ ସୁନାମୀ ମୁକାବିଲା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

## ପଟ୍ଟାମୁଣ୍ଡାଇ କଲେଜରେ ଶୈକ୍ଷିକ ଓ ପ୍ରଶାସନିକ ମାନ ସମୀକ୍ଷା

ପଟ୍ଟାମୁଣ୍ଡାଇ,୩୦।୯(କଳ୍ପତରୁ ନାୟକ)


ସମୀକ୍ଷା ବୈଠକରେ କଲେଜ ଅଧକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ସମେତ ଅନ୍ୟମାନେ।

ପଟ୍ଟାମୁଣ୍ଡାଇ କଲେଜର ୨୦୨୦-୨୧ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ଶୈକ୍ଷିକ ଓ ପ୍ରଶାସନିକ ମାନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । କଲେଜ ପରିଚାଳନା କମିଟି ସଭାପତି ପ୍ରଫେସର ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସମୀକ୍ଷା ବୈଠକରେ କଲେଜ ଅଧକ୍ଷ ପ୍ରଫେସର ଦିଲୀପ ଭୂୟାଁ ବିଶେଷଜ୍ଞମାନଙ୍କୁ ସ୍ୱାଗତ କରିଥିଲେ । ଆଇକ୍ୟୁଏସି ସଂଯୋଜକ ପ୍ରାଧାପକ ସୁନୀଲ ପ୍ରଧାନ କଲେଜର ସଂକ୍ଷିପ୍ତ ଇତିହାସ ପ୍ରଦାନ କରିଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟ ଜୈବ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରାକ୍ତନ ପ୍ରଫେସର ଡ଼ ବିଷ୍ଣୁପ୍ରସାଦ ଦାସ, ରାଜନୀତି ବିଜ୍ଞାନ ପ୍ରଫେସର ଡ଼ ଅନିଲ ମହାପାତ୍ର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆଇଆରପିଏମ ବିଭାଗ ପ୍ରାକ୍ତନ ପ୍ରଫେସର ଡ଼ ବିଭୁତି ଭୂଷଣ ମହାପାତ୍ର ପ୍ରମୁଖ କଲେଜର ଶୈକ୍ଷିକ ମାନ ସମୀକ୍ଷା କରି ରିପୋର୍ଟ ପ୍ରଦାନ କରିଥିଲେ । ସେହିପରି ଓଡ଼ିଆ ଉଚ୍ଚଶିକ୍ଷା ବିଭାଗ ପ୍ରାକ୍ତନ ନିର୍ଦ୍ଦେଶକ ତଥା ଓପିଏସ୍‌ସି ପ୍ରାକ୍ତନ ଅଧକ୍ଷ ପ୍ରଫେସର ସତ୍ୟକାମ ମିଶ୍ର,କେନ୍ଦ୍ରାପଡ଼ା କଲେଜ ପ୍ରାକ୍ତନ ଅଧକ୍ଷ ପ୍ରଫେସର ମେଜର ପୀତବାସ ମହାନ୍ତି ପ୍ରଶାସନିକ ବ୍ୟବସ୍ଥାର ମାନ ସମୀକ୍ଷା କରିଥିଲେ । ପଟ୍ଟାମୁଣ୍ଡାଇ କଲେଜ ଆଇକ୍ୟୁଏସି ସଦସ୍ୟ ପ୍ରାଧାପକ ରଞ୍ଜିତ ସେନାପତି, ଡ଼ ରମେଶ ସାହୁ, ଅଧାପକ ସୁଭାଶିଷ ମିଶ୍ର, ଜିତେନ୍ଦ୍ର ମଲିକ ଓ ସ୍ମୃତି ରଞ୍ଜନ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ କଲେଜ ସମସ୍ତ ଅଧାପକ ଅଧାପିକା, ଅଣଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ ।

## ମହିଳା ମହାବିଦ୍ୟାଳୟରୁ ୭୦ ୟୁନିଟ୍ ରକ୍ତ ସଂଗ୍ରହ



କେନ୍ଦ୍ରାପଡ଼ା,୩୦।୯(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ପକ୍ଷରୁ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୭୦ ୟୁନିଟ ରକ୍ତ ସଂଗ୍ରହ କରାଯାଇ ଜିଲା ରକ୍ତଭଣ୍ଡାରକୁ ପ୍ରଦାନ କରାଯାଇଛି । ଏହାକୁ ଜିଲା ଜନକଲ୍ୟାଣ ଅଧିକାରୀ ଗୁରୁଚରଣ ମଲିକ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷା ପ୍ରମିଳାରାଣୀ ବେହେରା, ଡ. ମଥୁରୀଚରଣ ନାୟକ, ଜ୍ୟୋତ୍ସ୍ନାମୟୀ ପତି, ଡ. ପଦ୍ମଜା କବି ଶତପଥୀ ପ୍ରମୁଖ ଶିବିରରେ ଯୋଗଦେଇ ରକ୍ତଦାନ କରୁଥିବା ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରକୁ ମହାବିଦ୍ୟାଳୟର ଯୋଜନା ଅଧିକାରୀ ବନ୍ୟା ବେହେରା, ପ୍ରଭାସିନୀ ଜେନା ଓ ସ୍ୱେଚ୍ଛାସେବୀ ମାନେ ପରିଚାଳନା କରିଥିଲେ ।

## 'ଆତ୍ମଜ୍ଞାନସମ୍ପନ୍ନ ହେଲେ ଜୀବନ ଠିକ୍ ମାର୍ଗରେ ଚାଲିବ'

### ଐତିହାସିକ,ବିପ୍ଳବୀ କବି ଡ.ପ୍ରଫୁଲ୍ଲ ଦାସଙ୍କ ଜୟନ୍ତୀ

ରାଜକନିକା,୩୦।୯(ସଞ୍ଜୟ କୁମାର ଦାଶ)




ବିପ୍ଳବୀ କବି ଡ. ପ୍ରଫୁଲ୍ଲ ଦାସଙ୍କ ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥି।

ଐତିହାସିକ, ବିପ୍ଳବୀ କବି ତଥା ସାହିତ୍ୟ ଏକାଡେମୀ ଓ ଶାରଳା ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡ.ପ୍ରଫୁଲ୍ଲ ଦାସଙ୍କ ୯୭ତମ ଜୟନ୍ତୀ ଉତ୍ସବ ଶନିବାର ସ୍ଥାନୀୟ ଅଶୋକ ବଜାରସ୍ଥିତ ନୟନା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ରାଜକନିକାର କନିକା ପୂଜ୍ୟପୂଜା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଜୟନ୍ତୀ ଉତ୍ସବରେ ସଭାପତି ଦୁର୍ଯ୍ୟୋଧନ ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ତୁଳସୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପିକା ତଥା କବୟିତ୍ରୀ ଡ. ଅପର୍ଣ୍ଣା ମହାନ୍ତି ଯୋଗଦେଇ ଡକ୍ଟର ଦାସଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଅହିଂସାରେ ନୁହେଁ ବରଂ ହିଂସାତ୍ମକ ଆନ୍ଦୋଳନ ଦ୍ୱାରା ସ୍ୱାଧୀନତା ପ୍ରାପ୍ତି ହୋଇଛି । ଆତ୍ମଜ୍ଞାନ ଶୂନ୍ୟ ବିଜ୍ଞାନ ସମାଜ ପାଇଁ ବରଦାନ ନୁହେଁ ବରଂ ଅଭିଶାପ । ଛାତ୍ରୀଛାତ୍ରମାନେ ଆତ୍ମଜ୍ଞାନ ସମ୍ପନ୍ନ ହେଲେ ଜୀବନ ଠିକ୍ ମାର୍ଗରେ ଚାଲିବ ବୋଲି କହିଥିଲେ । ସମ୍ମାନିତ ଅତିଥି କେନ୍ଦ୍ରାପଡ଼ା ସାହିତ୍ୟ ପରିଷଦର ସଭାପତି ସରୋଜ କୁମାର ମହାନ୍ତି, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା କବି ସାହିତ୍ୟିକ ପ୍ରମୋଦ କୁମାର ମଲିକ ପ୍ରମୁଖ ଯୋଗଦେଇ ଡ.ଦାସ ସମାଜର ଅସହାୟ, ନିଷ୍ପେଷିତ ଓ ଦଳିତମାନଙ୍କ ତ୍ରାଣକର୍ତ୍ତା ଭାବେ ନିଜ ଜୀବନକୁ ଉତ୍ସର୍ଗୀ କରିଥିଲେ। କନିକା ରାଜାଙ୍କ ଶୋଷଣ,କଷଣ ବିରୋଧରେ ସେ ପ୍ରଜାମେଳି ଓ ପ୍ରଜା ଆନ୍ଦୋଳନ କରିଥିଲେ ବୋଲି କହିଥିଲେ । ସମ୍ପାଦକ କପିଳ ଚରଣ ମିଶ୍ର ବିବରଣୀ ପାଠ କରିଥିବା ବେଳେ ବିପିନ ବିହାରୀ ରାଉତ ଓ କାଳିପ୍ରସାଦ ନାୟକ ଅତିଥିମାନଙ୍କୁ ଉପାୟନ ପ୍ରଦାନ କରିଥିଲେ। ବିଧାନ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ ସହ ସାଗତ ଭାଷଣ ରଖିଥିବା ବେଳେ, ସୁରେଶ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ଏ୧ ଗ୍ରେଡରେ ପାସ୍ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ପାର୍ବଣରେ ବାଜିବନି ଡିଜେ

ନୟାଗଡ଼,୩୦।୯(ଲୋକନାଥ ମିଶ୍ର)

ନୟାଗଡ ଜିଲାର ଶରଣକୁଳ ଥାନା ଅଞ୍ଚଳର ପାର୍ବଣରେ ଡିଜେ ବନ୍ଦ କରାଯାଇଛି। ଦୁର୍ଗାପୂଜା ଅବସରରେ ଶରଣକୁଳ ଥାନା ପକ୍ଷରୁ ଡିମିସର, ଭିକାରିପଡା, ବଡ଼ଗୋରଡ଼ା ପରି ପୂଜାମଣ୍ଡପର କର୍ମକର୍ତ୍ତା ଓ ଡିଜେ ମାଲିକମାନଙ୍କୁ ନେଇ ପୋଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବାକୁ ପୋଲିସ ସହଯୋଗ ଲୋଡିଥିଲା। ଶରଣକୁଳ ଆଇଆଇସି ପୁଷ୍ପାଲତା ବେହେରା, ଗୋଡିପଡା ଫାଣ୍ଡି ଅଧିକାରୀଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀ ଏଥିରେ ଯୋଗ ଦେଇ ପାର୍ବଣ କଟକଣା ଉପରେ କହିଥିଲେ।

### ରକ୍ତଦାନ ଶିବିର, ୨୦ ୟୁନିଟ୍ ସଂଗୃହୀତ

ଖଣ୍ଡପଡ଼ା,୩୦।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କିଆଝର ପଞ୍ଚାୟତସ୍ଥ ରାକେଶିଆ ରୁଷ୍ୟଶୃଙ୍ଗ କ୍ଲବ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ରାକେଶିଆ ଗ୍ରାମର ଛାତ୍ରୀଛାତ୍ରମାନେ ପୂର୍ବାହ୍ନରେ ଗ୍ରାମ ପରିକ୍ରମା କରି ରକ୍ତଦାନ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ । ଉକ୍ତ ଶିବିରରୁ ୨୦ ୟୁନିଟ ରକ୍ତ ସଂଗୃହିତ ହୋଇଛି । ଖଣ୍ଡପଡ଼ା ପଠାଣିସାମନ୍ତ ପୂଜ୍ୟପୂଜା ପରିଷଦ ଆନୁକୂଲ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା । ନୟାଗଡ଼ ବ୍ଲଡ ବ୍ୟାଙ୍କ କର୍ମଚାରୀ ଶିବିରରେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ଡାକ୍ତର ଆଶୀର୍ବାଦ ଜେନା ରକ୍ତଦାତାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ରାକେଶିଆ ଗ୍ରାମର ରୁଷ୍ୟଶୃଙ୍ଗ କ୍ଲବର ସମସ୍ତ ସଦସ୍ୟ ରକ୍ତଦାନ କରିଥିଲେ। ପଠାଣି ସାମନ୍ତ ପୂଜ୍ୟପୂଜା କମିଟି ପକ୍ଷରୁ ସାମାଜିକ କର୍ମୀ ମହେନ୍ଦ୍ର କୁମାର ବାରିକ ଶିବିର ପରିଚାଳନା କରିଥିଲେ।

### ୧୦ଲକ୍ଷ ଟଙ୍କାର ନକଲି ପ୍ରସାଧନ ସାମଗ୍ରୀ ଜବତ

ବ୍ରହ୍ମପୁର,୩୦।୯(ସୁବାସ ଚନ୍ଦ୍ର ପାଢ଼ୀ)

ଲାକ୍‌ମି ବ୍ରାଣ୍ଡ କମ୍ପାନୀର ନକଲି ପ୍ରସାଧନ ସାମଗ୍ରୀ ବିକ୍ରି ହେଉଥିବା ନେଇ ହିନ୍ଦୁସ୍ତାନ ଲିଭର୍ କମ୍ପାନୀ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି ଶନିବାର ବଡ଼ବଜାର ଏବଂ ଟାଉନ୍ ଥାନା ପୋଲିସ ପକ୍ଷରୁ ଏକାଧିକ ସ୍ଥାନରେ ଚଢ଼ାଉ କରାଯାଇଥିଲା। ବଡ଼ବଜାର ଖାସ୍ୱା ସାହି ସ୍ଥିତ ଓମ୍ ଷ୍ଟୋରରୁ ୪୬୧ଟି, 'ଶ୍ରୀସାଇ ଟ୍ରେଡିଂ କୋ'ରୁ ୫୫୩ଟି, ଭାପୁର ବଜାର ସ୍ଥିତ 'ମନ ପସନ୍ଦ'ରୁ ୮୦୭ଟି, ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ 'ଭି-୨' ମଲ୍‌ରେ ଥିବା ଖୁସି ଲେଡିଜ୍ କର୍ଣ୍ଣରରୁ ୫୧ଟି ନକଲି ପ୍ରସାଧନ ସାମଗ୍ରୀ ଜବତ ହୋଇଛି। ଏସବୁର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ। ଏନେଇ ଆଇପିସି ଧାରା ୪୨୦/୪୮୬/୪୮୮ ଏବଂ କପି ରାଇଟ୍ ଆକ୍ଟ ୬୩ ଅନୁଯାୟୀ ବଡ଼ବଜାର ଥାନାରେ ୩୬୭/୨୩ ରେ ମାମଲା ଏବଂ ଟାଉନ୍ ଥାନାରେ ୪୦୯/୨୩ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ସ୍ୱାସ୍ଥ୍ୟକେନ୍ଦ୍ର କିରାଣି, ସ୍ତ୍ରୀଙ୍କୁ ୨ ବର୍ଷ ଜେଲ୍

## ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

ବ୍ରହ୍ମପୁର,୩୦।୯(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅରୁଣ କୁମାର ସାହୁ ଶନିବାର ଏକ ଆୟବର୍ହିଭୁତ ସମ୍ପତ୍ତି ଠୁଳ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଉପଯୁକ୍ତ ପ୍ରମାଣ ମିଳିଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର କିରାଣି ଓ ତାଙ୍କ ସ୍ତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ନରସିଙ୍ଘା ପ୍ରକାଶ ପାତ୍ର ଓ ସ୍ତ୍ରୀ ନରସିଙ୍ଘା ସନ୍ତୋସିନୀ ପାତ୍ର। ସେମାନେ ଲୋଚପଡା ଗୋଲା ଜଗନ୍ନାଥପୁରର ମୂଳନିବାସୀ ହୋଇଥିବା ବେଳେ ବର୍ତ୍ତମାନ ହିଲପାଟଣା ବିଜୟ ଟାୱାରରେ ରହୁଛନ୍ତି। ପ୍ରକାଶ ପାତ୍ର ବର୍ତ୍ତମାନ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କନିଷ୍ଠ କିରାଣି ଅଛନ୍ତି। ଭିଜିଲାନ୍ସ ଜଜ ଉଭୟ ଅଭିଯୁକ୍ତଙ୍କୁ ଦୁଇ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ପ୍ରତ୍ୟେକ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ଓ ଜରିମାନା ଅନାଦେୟ ପ୍ରତ୍ୟେକ ୩ମାସ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ୨୦୦୯ ମାର୍ଚ୍ଚ ୧୯ରେ ଏସ.କିଶୋର ପଟ୍ଟନାୟକ ନାମକ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ବକେୟା ବିଲ ପାସ କରିବା ପାଇଁ କିରାଣି ପ୍ରକାଶ ପାତ୍ର ୧ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସରେ ଧରା ପଡ଼ିଥିଲେ। ପରେ ଆୟବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ ପ୍ରକାଶ ପାତ୍ରଙ୍କ କାର୍ଯ୍ୟାଳୟ ସମେତ ବାସଭବନରେ ଚଢଉ କରିଥିଲା। ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୦୯ ସେପ୍ଟେମ୍ବର ୩୦ରେ ପ୍ରକାଶ ଓ ସ୍ତ୍ରୀ ସନ୍ତୋସିନୀଙ୍କ ନାମରେ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆକଳନ କରିଥିଲା ଭିଜିଲାନ୍ସ। ହେଲେ ୧୨ ଲକ୍ଷ ୧୯ ହଜାର ୩୬୪ ଟଙ୍କାର ହିସାବ ପ୍ରକାଶ ପାତ୍ର ଭିଜିଲାନ୍ସକୁ ଦେଇ ପାରିନଥିଲେ। ଫଳରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଉଭୟଙ୍କ ବିରୋଧରେ ୩୬/୨୦୦୯ ରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ବେଳେ ତାଙ୍କର ୯ଲକ୍ଷ ୬୭ ହଜାର ୩୮୬ ଟଙ୍କା ଆୟବର୍ହିଭୁତ ସମ୍ପତ୍ତି ଆକଳନ ହୋଇଥିଲା। ଏନେଇ ତତ୍କାଳୀନ ଭିଜିଲାନ୍ସ ଇନ୍ସପେକ୍ଟର ଡି.ଟି.ଆର ପଟ୍ଟନାୟକ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଶନିବାର ଉକ୍ତ ମାମଲାର ରାୟ ପ୍ରକାଶ ବେଳେ ଅଭିଯୁକ୍ତ ପ୍ରକାଶ ଓ ସ୍ତ୍ରୀ ସନ୍ତୋଷିନୀ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ପିତୃଋଣ ଶୁଝିବା ପାଇଁ ଶ୍ରାଦ୍ଧ, ପିଣ୍ଡଦାନ



ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦିଆଯାଉଛି।

ଖଣ୍ଡପଡ଼ା,୩୦।୯(ଅଜୟ କୁମାର ମହାରଣା)

ଭାଦ୍ରବ ମାସ ଶୁକ୍ଳପକ୍ଷ ଅପରପକ୍ଷ (ପିତୃପକ୍ଷ)ଠାରୁ ପିତୃଋଣ ଶୁଝିବା ଲକ୍ଷ୍ୟରେ ଶନିବାରଠାରୁ ଆରମ୍ଭ ହୋଇଛି ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନ । ଏହି ଅବସରରେ କେତେଜଣ ବ୍ୟକ୍ତି ଶ୍ରାଦ୍ଧ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଜଣେ ଗୃହସ୍ଥ ପକ୍ଷରେ ଜୀବଦଶା ମଧ୍ୟରେ ୫ଟି ଋଣ ଶୁଝିବାର ବ୍ୟବସ୍ଥା ଅଛି। ସେଥି ମଧ୍ୟରୁ ପିତୃଋଣ ଅନ୍ୟତମ । ଶାସ୍ତ୍ର ପୁରାଣରେ ଏହାର ଅବତାରଣା ଛଳରେ ପ୍ରତିପାଦନ କରାଯାଇଛି– ମାତା ପିତାଙ୍କ ବିଶେଷତ୍ୱ । ମାତା ପିତାଙ୍କ ଋଣ ଶୁଝିବା ପୁତ୍ର ପକ୍ଷେ ଆଦୌ ସମ୍ଭବ ନୁହେଁ। ତେଣୁ ମାତା ପିତାଙ୍କ ତୃପ୍ତି ବିଧାନ ପାଇଁ ଏବଂ ଏହି ପରମ୍ପରା କ୍ରମେ ପିତୃଋଣରୁ ମୁକ୍ତି ପାଇବା ପାଇଁ ଏହି ଦିନଠାରୁ ପିତୃ ପୁରୁଷଙ୍କ ନାମରେ ଶ୍ରାଦ୍ଧ,ତର୍ପଣ ଓ ପିଣ୍ଡଦାନର କାର୍ଯ୍ୟକ୍ରମ ପାଳନ କରାଯାଉଛି । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ଶ୍ରାଦ୍ଧ ଦେଉଥିବା ବେଳେ ଜୀବର ମୃତ୍ୟୁ ପରେ ସେହି ଆତ୍ମା ଦେବତା, ମନୁଷ୍ୟ, ପଶୁପକ୍ଷୀ, ଭୂତ ପ୍ରେତ, ବୃକ୍ଷଲତା ଆଦି ଯେ କୌଣସି ଦେହ ପାଇଥାଏ ବୋଲି ପୁରୋହିତ କାର୍ଯ୍ୟ ସମ୍ପନ୍ନ କରୁଥିବା ପ୍ରଦୀପ୍ତ କୁମାର କର କହିଥିଲେ । ସେ ଆତ୍ମା ଯେ କୌଣସି ଦେହ ପାଇଥିଲେ ମଧ୍ୟ ଦିଆଯାଉଥିବା ପିଣ୍ଡ ସେମାନଙ୍କ ଆବଶ୍ୟକ ହେଉଥିବା ଖାଦ୍ୟ ପଦାର୍ଥ ଛଳରେ ପ୍ରାପ୍ତ ହୋଇଥାଏ । ବେଦର ପରାମର୍ଶ ଅନୁସାରେ ମାତା ଓ ପିତା ଦେବତା ଅଟନ୍ତି। ଆଉ ଦେବ ପିତୃ କାର୍ଯ୍ୟରେ ଅବହେଳା କରିବା ଆଦୌ ଉଚିତ ନୁହେଁ। ଏଣୁ ପ୍ରତ୍ୟେକ ଜ୍ୟେଷ୍ଠପୁତ୍ର ନିଜ ପିତୃଗଣଙ୍କ ତୃପ୍ତି ଓ ସେମାନଙ୍କ କଲ୍ୟାଣ ପ୍ରାପ୍ତି ପାଇଁ ଶ୍ରାଦ୍ଧ, ତର୍ପଣ ଆଦି କରିବା ଜରୁରୀ ଅଟେ ବୋଲି ଅନେକ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ।

# ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ନେଇ ଉତ୍ସାହ

ନୟାଗଡ଼/ଓଡ଼ଗାଁ,୩୦।୯(ଲୋକନାଥ ମିଶ୍ର/ ଆଦର୍ଶ କୁମାର ପଟ୍ଟନାୟକ)

ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓଡ଼ିଶା ହାଇକୋର୍ଟରେ ମୁଖ୍ୟ ବିଚାରପତି ଭାବେ ଅକ୍ଟୋବର ୪ ରେ ଶପଥ ଗ୍ରହଣ କରିବେ । ପରବର୍ତ୍ତୀ ମୁଖ୍ୟ ବିଚାରପତି ନିଯୁକ୍ତି ପର୍ଯ୍ୟନ୍ତ ଜଷ୍ଟିସ ଷଡ଼ଙ୍ଗୀ ଦାୟିତ୍ୱରେ ରହିବେ । ଜଷ୍ଟିସ ଷଡ଼ଙ୍ଗୀଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦେଇଛନ୍ତି । ଭାରତ ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେନ୍ଦ୍ର କଶ୍ୟପଙ୍କ ସ୍ୱାକ୍ଷର ଥାଇ ଗତ ୨୯ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଜଷ୍ଟିସ ଶୁଭାଶିଷ ତାଳପତ୍ର ଆସନ୍ତା ୩ ତାରିଖରେ ଅବସର ନେବେ । ଏହି ଖବର ଜଣାପଡିବା ପରେ ନୟାଗଡ଼ ଜିଲାରେ ଖୁସିର ଲହରି ଖେଳି ଯାଇଛି ।



ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍ ପନ୍ତିଖାରି ଶାସନରେ ଜଷ୍ଟିସ ଷଡ଼ଙ୍ଗୀ ୧୯୬୨ ଜୁଲାଇ ୨୦ରେ ଜନ୍ମ ଗ୍ରହଣ କରିଥିଲେ । ବାପା ବାଞ୍ଛାନିଧି ଷଡ଼ଙ୍ଗୀ ରାଜ୍ୟ ସରକାରଙ୍କ ପୂର୍ବତନ ଫାଇନାନ୍ସିଆଲ ଆଡଭାଇଜର ଥିଲେ। ମା'ଶୈଳବାଳା ଷଡ଼ଙ୍ଗୀ ଗୃହିଣୀ ଥିଲେ । ସେ ରଙ୍ଗଣୀପାଟଣାରେ ପ୍ରାଥମିକ ଶିକ୍ଷା, ଓଡ଼ଗାଁ ରଘୁନାଥ ବିଦ୍ୟାପୀଠରେ ମାଟ୍ରିକ ଶିକ୍ଷା ସମାପ୍ତ କରି ନୟାଗଡ଼ କଲେଜରୁ ଆଇଏ ପାସ କରିଥିଲେ । ପରେ ଭୁବନେଶ୍ୱର ବିଜେବି କଲେଜରେ ବାଣିଜ୍ୟରେ ଅନର୍ସ କରି କଟକ ମଧୁସୂଦନ ଲ କଲେଜରେ ଏଲଏଲବି ଓ ଏଲଏଲଏମ୍ ଡିଗ୍ରୀ ହାସଲ କରିଥିଲେ। ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଆଇନରେ ପିଏଚ୍‌ଡି ମଧ କରିଥିଲେ । ଓଡ଼ିଶା ହାଇକୋର୍ଟର ଜଣାଶୁଣା ଓକିଲ ଆଡଭୋକେଟ ଜେନେରାଲ ଗଙ୍ଗାଧର ରଥଙ୍କର ଜୁନିୟର ଭାବେ ୧୯୮୫ରୁ କାମ ଆରମ୍ଭ କରିଥିଲେ।

## ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ

### ଗଞ୍ଜେଇ ଚାଲାଣ ମାମଲା

ବ୍ରହ୍ମପୁର,୩୦।୯ (ସୁବାସ ଚନ୍ଦ୍ର ପାଢ଼ି)

ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରା ଜଜ–୩ ରାଜକୁମାର ଦାଶ ଶନିବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଓ ୧ଲକ୍ଷ ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତ ହେଉଛନ୍ତି ମୟୂରଭଞ୍ଜର ମନୋଜ କୁମାର ପାତ୍ର। ଜରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉ କି, ୨୦୨୧ରେ ଅବକାରୀ ଗୁଇନ୍ଦା ଟିମ ପୁକୁଡିବନ୍ଧ ଛକ ଜାତୀୟ ରାଜପଥରେ ଯାନବାହନ ଯାଞ୍ଚ କରୁଥିଲା। ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ପିକଅପ ଭ୍ୟାନକୁ ଅଟକାଇ ଯାଞ୍ଚ କରିବାରୁ ୧୫୦ କେଜି ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ଚାଲାଣକାରୀ ମନୋଜ ପାତ୍ରଙ୍କୁ ଗିରଫ କରାଯାଇ ମାମଲା ନମ୍ବର ୧୩/୨୧ରେ କୋର୍ଟ ଚାଲାଣ କରାଯାଇଥିଲା। ତତ୍କାଳୀନ ଏଏସଆଇ ବିଶ୍ୱଜିତ ଦାସ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଉକ୍ତ ମାମଲାର ବିଚାର ବେଳେ ୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶନିବାର ରାୟ ପ୍ରକାଶ ବେଳେ ମନୋଜ କୁମାର ପାତ୍ରଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନ ଓ ଚାର୍ଜସିଟକୁ ଆଧାର କରି ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

# ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ

ଖଣ୍ଡପଡ଼ା,୩୦।୯ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ଘରୋଇ ମୋଟର କର୍ମଚାରୀ ସଂଘ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ୫ଟି ଶିକ୍ଷାନୁଷ୍ଠାନର ୯ଜଣ ଗରିବ ତଥା ମେଧାବୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ପାଠ୍ୟ ଉପକରଣ ପ୍ରଦାନ କରାଯାଇଛି । ମୋଟର କର୍ମଚାରୀ ସଂଘର ସଭାପତି ଶରତ ଚନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ରଜତ କୁମାର ଦାସ, ସମ୍ପାଦକ ଅଜୟ କୁମାର ସାହୁ ଓ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଯୁଗଳ କିଶୋର ନାୟକ ପ୍ରମୁଖ ସଂପୃକ୍ତ ଶିକ୍ଷାନୁଷ୍ଠାନଗୁଡିକୁ ଗସ୍ତ କରି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ଗରିବ ତଥା ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଉକ୍ତ ଉପକରଣ ପ୍ରଦାନ କରିଥିଲେ ।

ସୂଚନାଯୋଗ୍ୟ, ଗରିବ, ମେଧାବୀ ଛାତ୍ରୀଛାତ୍ରମାନେ ହେଲେ ନୀଳମାଧବ ନୋଡାଲ ବିଦ୍ୟାଳୟର ପ୍ରତ୍ୟୁଷ ସାହୁ, ଆଶୁତୋଷ ବେହେରା, କଣ୍ଟିଲୋ ବାଳିକା ଉପ୍ରା ବିଦ୍ୟାଳୟର ରଶ୍ମିତା ଖଟୁଆ, କୁଞ୍ଜ ବିହାରୀ ନୋଡାଲ ବିଦ୍ୟାଳୟର ଦୀପ୍ତିକ୍ରୀଷ୍ଟା ପୃଷ୍ଟି, ବିଶ୍ୱ ବନ୍ଦିତା ସାହୁ, ପାଣୁସାହୁ ପାଟଣା ମଧ ଇଂରାଜୀ ବିଦ୍ୟାଳୟର ରୁଦ୍ର ପ୍ରସାଦ ନାୟକ, ଆଲୋକ କୁମାର ବେହେରା, ରାଧାନାଥ ବାଳିକା ଉପ୍ରା ବିଦ୍ୟାଳୟର ସ୍ୱାଗତିକା ସାହୁ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ବବିତା ସାହୁ।

# ୩୦ ହଜାର ପ୍ଲାଷ୍ଟିକ ବୋତଲରେ ବିଶାଳ ସ୍କ୍ରାପ୍ ହାତୀ

ବ୍ରହ୍ମପୁର,୩୦।୯(ସ୍ମୃତି ରଞ୍ଜନ ମହାଲିକ)

ଦକ୍ଷତା ବିକାଶ କ୍ଷେତ୍ରରେ ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ସର୍ବଦା ଆଗରେ ରହିଆସିଛି। ବର୍ଜ୍ୟବସ୍ତୁ ଓ ଅଦରକାରୀ ସାମଗ୍ରୀକୁ ବ୍ୟବହାର କରି ଆଇଟିଆଇ ସବୁବେଳେ ସମାଜକୁ ସଚେତନତାର ବାର୍ତ୍ତା ପହଞ୍ଚାଇଛି। ବର୍ତ୍ତମାନ ଆଇଟିଆଇ ପୁଣି ଥରେ ନିଆରା ପ୍ରତିକୃତି ମାଧ୍ୟମରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବ୍ୟବହାର ଉପରେ ସଚେତନତା ନେଇ ଚର୍ଚ୍ଚାର ପରିସରକୁ ଆସିଛି। ଆଇଟିଆଇ ପକ୍ଷରୁ ସହରର ବିଭିନ୍ନ ସ୍ଥାନରୁ ପ୍ରାୟ ୩୦ ହଜାର ପ୍ଲାଷ୍ଟିକ ବୋତଲ ସଂଗ୍ରହ କରାଯାଇଛି। ସୂଚନା ମୁତାବକ, ଆଇଟିଆଇର ଫିଟର, ଏଗ୍ରିକଲଚର ମେସିନାରୀ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପ୍ରଥମେ ସ୍କ୍ରାପ, ଲୁହା ରଡରେ ଏକ ବିଶାଳକାୟ ହାତୀର ପ୍ରତିକୃତି ନିର୍ମାଣ କରାଯାଇଥିଲା। ସ୍କ୍ରାପରେ ନିର୍ମିତ ହୋଇଥିବା ହାତୀ ପ୍ରତିକୃତିରେ ପ୍ଲାଷ୍ଟିକ ବୋତଲ ଭରି କରାଯାଇଛି।

ଏହା ଉପରେ ପ୍ଲାଷ୍ଟିକ ଜାଲି ଆଚ୍ଛାଦିତ କରାଯାଇଛି। ଏହାକୁ ନିର୍ମାଣ କରିବାକୁ ୧୦ରୁ ୧୫ ଦିନ ସମୟ ଲାଗିଛି। ଏହି ହାତୀର ଉଚ୍ଚତା ୨୨ ଫୁଟ, ଲମ୍ବ ୨୪ ଫୁଟ ଓ ଓସାର ୬.୬ ଫୁଟ ରହିଛି। ଏହି ହାତୀ ପ୍ରତିକୃତିକୁ ଆଇଟିଆଇର ମୁକ୍ତାକାଶ ସ୍କ୍ରାପ ପାର୍କରେ ରଖାଯିବ। ଆସନ୍ତାକାଲି କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱଚ୍ଛତା ହିଁ ସେବା ମିଶନ ଅବସରରେ ଏହି ସ୍କ୍ରାପ ହାତୀକୁ ଉଦଘାଟନ କରାଯିବ ବୋଲି ଆଇଟିଆଇ ଅଧକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ପ୍ଲାଷ୍ଟିକର ବହୁଳ ବ୍ୟବହାର କାରଣରୁ ପରିବେଶ ପ୍ରଦୂଷିତ ହେଉଛି। ବିଶେଷଜ୍ଞମାନେ ମଧ ପ୍ଲାଷ୍ଟିକ ବ୍ୟବହାରରୁ ଦୂରେଇ ରହିବା ପାଇଁ ମତ ଦେଇଛନ୍ତି। ଆଇଟିଆଇ ପକ୍ଷରୁ ଏଭଳି ଅଭିନବ ପ୍ରୟାସ ସର୍ବସାଧାରଣଙ୍କୁ ସଚେତନତାର ବାର୍ତ୍ତା ପହଞ୍ଚାଇବାରେ ସହାୟକ ହେବ ବୋଲି ଅଧକ୍ଷ କହିଛନ୍ତି।



ସ୍କ୍ରାପ୍ ଓ ପ୍ଲାଷ୍ଟିକ୍ ବୋତଲରେ ନିର୍ମିତ ହାତୀ।

# ଦାସିଆ ଅଜା ସଂଗ୍ରହାଳୟକୁ ଆସିଲା ଓଡ଼ିଆରେ ଲିଖିତ କୋରାନ ଗ୍ରନ୍ଥ ସମେତ ପୁରାତନ ସାମଗ୍ରୀ

ନୟାଗଡ଼/ନୂଆଗାଁ, ୩୦।୯
(ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁରଠାରେ ଥିବା ପାଠାଗାର ତଥା ଦାସିଆ ଅଜାଙ୍କ ସଂଗ୍ରହାଳୟକୁ ଶନିବାର ଖୋର୍ଦ୍ଧା ଜିଲା ବୋଲଗଡ ଅରଖପଲି ଗ୍ରାମର ଜଣେ ବ୍ୟକ୍ତି ଇସଲାମ ଧର୍ମର ଓଡ଼ିଆରେ ଲିଖିତ କୋରାନ ଗ୍ରନ୍ଥ ସମେତ ପୁରାତନ ସାମଗ୍ରୀ ପ୍ରଦାନ କରିଛନ୍ତି ।

ମିଳିଥିବା ସୂଚନା ମୁତାବକ ଓଡିଶା ସରକାରଙ୍କ ଆଇନ ବିଭାଗର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ବୋଲଗଡ ଅରଖପାଲି ଗ୍ରାମର ହାକି ରୋସନ୍ନ ଖାଁଙ୍କ ପରିବାର ପକ୍ଷରୁ ଦାସିଆ ଅଜାଙ୍କ ସଂଗ୍ରହାଳୟକୁ ୧୯୫୧ର ଇସଲାମ ଧର୍ମର ଓଡ଼ିଆରେ ଲିଖିତ କୋରାନ ଗ୍ରନ୍ଥ , ଆସନ ପେଡି ,୧୯୦୦ ପ୍ରାରମ୍ଭରେ କାଶ୍ମୀରବାସୀଙ୍କ ଦ୍ୱାରା ବ୍ୟବହୃତ କୋଇଲା ମାଧ୍ୟମରେ ଚା' କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଗରମ ରଖିପାରୁଥିବା ତମ୍ବାରେ ନିର୍ମିତ ଚା କେଟିଲ ପ୍ରଦାନ କରାଯାଇଛି। ସେହିପରି ସେହି ସମୟରେ ମୁସଲିମ ମହିଳାମାନେ ବ୍ୟବହାର କରୁଥିବା କାରୁକାର୍ଯ୍ୟପୂର୍ଣ୍ଣ ଗହଣା ପେଡି ଏବଂ ୧୯୪୫ ମସିହାର ଗୋଲାପ ଜଳ ଛିଞ୍ଚନ ପାତ୍ର ,୧୯୭୦ରେ ପ୍ରଚଳିତ ପେଟ୍ରୋମାକ୍ସ ଲାଇଟରେ ବ୍ୟବହାର କରାଯାଉଥିବା ମେଣ୍ଟାଲ ବାକ୍ସ ଆଦି ଅନେକ ବିରଳ ସାମଗ୍ରୀ ମଧ ଅନୁରୂପ ଭାବେ ଦିଆଯାଇଛି। ଏସବୁ ସାମଗ୍ରୀ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଖାଁଙ୍କ ପରିବାରଙ୍କ ନିକଟରେ ଥିବା ଖବର ପାଇ ଦାସିଆ ଅଜା ସଂଗ୍ରହାଳୟର ସମ୍ପାଦକ ତଥା ଦାସିଆ ଅଜାଙ୍କ ନାତି ଦୀପକ କୁମାର ପଟନାୟକ ଅରଖପଲି ଗ୍ରାମରେ ଖାଁଙ୍କ ଘରେ ପହଞ୍ଚି ଥିଲେ । ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ପୁତ୍ର ,ପୁତ୍ରବଧୂ ମମତାଜ ବେଗମ ସଂଗ୍ରହାଳୟର ସମ୍ପାଦକ ପଟ୍ଟନାୟକଙ୍କୁ ସମସ୍ତ ସାମଗ୍ରୀ ପ୍ରଦାନ କରିଛନ୍ତି।

# ଆଦ୍‌ଭିକା କପ୍ ଦିନିକିଆ କ୍ରିକେଟ୍ ଟୁର୍ନାମେଣ୍ଟ

ଛତ୍ରପୁର, ୩୦।୯(ଦିଲୀପ ସାମଲ)

ଗଞ୍ଜାମ ଜିଲା ପ୍ରଶାସନ, ଏକ୍ସନଏଡ ଓ ୟୁନିସେଫର ମିଳିତ ଆନୁକୂଲ୍ୟରେ ମିଶନ ଶକ୍ତି ମା' ଏବଂ ଆଦଭିକାର ଝିଅମାନଙ୍କୁ ନେଇ ଛତ୍ରପୁରସ୍ଥିତ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ମିନିଷ୍ଟାଡିୟମ ପରିସରରେ ଶନିବାର ଆଦଭିକା କପ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପରେ ଆଦଭିକା ଝିଅ ଓ ମିଶନ ଶକ୍ତିର ମା'ମାନଙ୍କ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଛତ୍ରପୁର ଆଦଭିକା ଝିଅଙ୍କ ଦଳ ସହ ରଙ୍ଗେଇଲୁଣ୍ଡା ଆଦଭିକା ଝିଅ ଦଳ ମଧ୍ୟରେ ହୋଇଥିଲା। ଏଥିରେ ଛତ୍ରପୁର ଦଳ ବିଜୟୀ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ଗଞ୍ଜାମ ଆଦଭିକା ଝିଅ ଦଳ ସହ ମିଶନ ଶକ୍ତି ମା'ମାନଙ୍କ ଦଳ ମଧ୍ୟରେ ମୁକାବିଲା ହୋଇଥିଲା । ଗଞ୍ଜାମ ଆଦଭିକା ଝିଅ ଦଳ ବିଜୟୀ ହୋଇଥିଲେ। ଅମ୍ପାୟର ଭାବେ ପିଇଟି ଶିକ୍ଷକ ବିପ୍ଳବ କୁମାର ବେହେରା ଓ ଅରୁଣ କୁମାର ମାନସିଂ ପରିଚାଳନା କରିଥିଲେ। ଉଦଯାପନୀ ସମାରୋହରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଡି.ପଦ୍ମା, ଜିଲା ମହିଳା ସୁରକ୍ଷା ଅଧିକାରୀ ସଂଗୀତା ପାତ୍ର, ଶିଶୁ ସୁରକ୍ଷା ଅଧିକାରୀ ଶରତ ଚନ୍ଦ୍ର ମହାରଣା, ଏକ୍ସନଏଡର ଜିଲା ପ୍ରକଳ୍ପ ସଂଯୋଜକ ଦେବବ୍ରତ ମାହନ୍ତ, ୟୁଥ ଫର ସୋସିଆଇ ଡେଭଲମେଣ୍ଟର ଜିଲା ସଂଯୋଜକ ନରେନ୍ଦ୍ର ସାହୁ, ବ୍ରହ୍ମପୁର ସିଡିପିଓ–୨ କଳ୍ପନା ପାତ୍ର, ଛତ୍ରପୁର ଜିଲା ଶ୍ରମ କାର୍ଯ୍ୟାଳୟର ସହକାରୀ ଶ୍ରମ ଅଧିକାରୀ ରଶ୍ମିରେଖା ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ। ଆଦଭିକା ଦଳର ଏସ. ପ୍ରଗତୀ ରେଡ୍ଡୀ ଓ ମିଶନ ଶକ୍ତି ଦଳ ସ୍ୱିନତୀ ବିଷୋୟୀଙ୍କୁ 'ମ୍ୟାନ ଅଫ ଦି ମ୍ୟାଚ' ପୁରସ୍କାର ପ୍ରଦାନ କରାଯାଇଥିଲା।




କ୍ରିକେଟ୍ ଟୁର୍ନାମେଣ୍ଟ ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ।

# ସ୍ନାତକୋତ୍ତର ଇଂଲିଶ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ କର୍ମଶାଳା

ବ୍ରହ୍ମପୁର ୩୦।୯(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଇଂଲିଶ ବିଭାଗ ପକ୍ଷରୁ ପରିବେଶ ଓ ଉଦ୍ୟୋଗୀକରଣ ଶୀର୍ଷକ ଦୁଇଦିନିଆ ଅନ୍ତର୍ଜାତୀୟ କର୍ମଶାଳା ଶନିବାର ଉଦଯାପିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ। ଏହି ସମ୍ମିଳନୀରେ ଭାରତ ବ୍ୟତୀତ ଅନ୍ୟ ୧୨ଟି ଦେଶର ପ୍ରତିନିଧୀମାନେ ଅଂଶଗ୍ରହଣ କରିଥିଲେ। ଅନ୍ତର୍ଜାତୀୟ ସମ୍ମିଳନୀରେ ମୁଖ୍ୟଅତିଥି ଭାବରେ ପେନସିଲଭାନିଆର ପେନ୍ ଷ୍ଟେଟ୍ ୟୁନିଭରସିଟିର ପ୍ରଫେସର ଥୋମାସ୍ ଜୟ ଲିନ୍ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ଉପସ୍ଥିତ ଥିବା ଅତିଥିମାନେ ବ୍ରାଜିଲର ପାରାନା ବିଶ୍ୱବିଦ୍ୟାଳୟର ପ୍ରଫେସର ମରିୟମ୍ ଆଡେଲମ୍ୟାନ୍, ପୋଲାଣ୍ଡର ରେଜେଜୋ ବିଶ୍ୱବିଦ୍ୟାଳୟର ଡକ୍ଟର ପାଟ୍ରିଜା ଅଷ୍ଟିନ, ରେଜୋ ବିଶ୍ୱବିଦ୍ୟାଳୟର ଡକ୍ଟର ଲୁକାସ୍ ବାର୍ସିଙ୍କ ଏବଂ ରେଜୁ ବିଶ୍ୱବିଦ୍ୟାଳୟର ପ୍ରଫେସର ମ୍ରିଦୁଲ ବୋର୍ଡୋଲାଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଫେସର ସୁଶାନ୍ତ କୁମାର ବାରାଲ, ପିଜି ପରିଷଦର ଅଧକ୍ଷ ଓ ଇଂରାଜୀ ପିଜି ବିଭାଗର ମୁଖ୍ୟ ପ୍ରଫେସର ଶ୍ରୁତି ଦାସ ସଂଯୋଜନା କରିଥିଲେ।




କର୍ମଶାଳାରେ ଉପସ୍ଥିତ ଅତିଥି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

କୁଳପତି ତାଙ୍କ ସମ୍ବୋଧନରେ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ଯୁବପିଢ଼ିଙ୍କ ଅତ୍ୟାବଶ୍ୟକ ଭୂମିକା ବିଷୟରେ ବର୍ଣ୍ଣନା କରିଥିଲେ। ପ୍ରଫେସର ଶ୍ରୁତି ଦାସ ଗ୍ରହ ପୃଥିବୀରେ ସ୍ଥିରତାର ଜ୍ୱଳନ୍ତ ପ୍ରଶ୍ନ ଉପରେ ଗୁରୁତ୍ୱାରୋପ କରିଥିଲେ। ଆନ୍ତର୍ଜାତୀୟ ତଥା ଜାତୀୟ ପ୍ରତିନିଧୀଙ୍କ ସମେତ କାଗଜ ଉପସ୍ଥାପକଙ୍କ ସଂଖ୍ୟା ୨୧୫ ଥିଲା। ଦୁଇ ଦିନ ମଧ୍ୟରେ ୭ଟି ଯାନ୍ତ୍ରିକ ଅଧିବେଶନର ଚର୍ଚ୍ଚା ହୋଇଥିଲା, ପ୍ରତ୍ୟେକ ବୈଷୟିକ ଅଧିବେଶନକୁ ୫ଟି ସମାନ୍ତରାଳ ଅଧିବେଶନରେ ବିଭକ୍ତ କରାଯାଇଥିଲା। ଜଳବାୟୁ ପରିବର୍ତ୍ତନ ଏବଂ ସାହିତ୍ୟିକ ଉତ୍ପାଦନ ପ୍ରସଙ୍ଗରେ ଜୋରଦାର ଆଲୋଚନା ଏବଂ ଚିନ୍ତିତ ବିଚାର ଦ୍ୱାରା ଅଧିବେଶନଗୁଡିକୁ ବର୍ଣ୍ଣନା କରାଯାଇଥିଲା। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭାଲେଡିକ୍ଟୋରୀ ସମାରୋହରେ ସମ୍ମିଳନୀକୁ ସମାପ୍ତ କରାଯାଇଥିଲା। ଭାଲେଡିକ୍ଟୋରୀ ସମାରୋହର ମୁଖ୍ୟ ଅତିଥି ଭାବରେ ଅଷ୍ଟ୍ରେଲିଆର କାର୍ଟିନ୍ ୟୁନିଭରସିଟି ଅଫ୍ ଟେକ୍ନୋଲୋଜିର ଡ. ସୁନୀଲ ଗୋବିନ୍ନାଜ ଯୋଗ ଦେଇଥିଲେ। ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୁଶାନ୍ତ କୁମାର ବାରାଲ, ଅଧକ୍ଷ ପିଜି କାଉନସିଲ୍, ପ୍ରଫେସର ରାମ ନାରାୟଣ ପଣ୍ଡା, ଅବସରପ୍ରାପ୍ତ ପ୍ରଫେସର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ପ୍ରଫେସର ସରିଫ ଆଟିକୁଜମାନ, ସରକାରୀ ବାଂଲାଦେଶର ବ୍ରଜଲାଲ କଲେଜ ଏବଂ ନେପାଳର ତ୍ରିଭୁବାନ ବିଶ୍ୱବିଦ୍ୟାଳୟର ଡକ୍ଟର କୋମଲ ଫୁୟାଲ। ଏହାକୁ ନାବାର୍ଡ ଏ.ଜି.ଏମ୍ ସଞ୍ଜୀବ ମିଶ୍ର ମଧ ଅନୁଗ୍ରହ କରିଥିଲେ।


Reliance
SMART BAZAAR
SMART SUPERSTORE
ପୂଜା ରେଡି ସେଲ୍
30th Sep – 4th Oct
ଉତ୍ସବର ପ୍ରସ୍ତୁତି କରନ୍ତୁ
ସ୍ମାର୍ଟ ବଜାର ଚାଲନ୍ତୁ
SMART BAZAAR NOW ON JioMart
BUY ANY 1 GET ANY 1 FREE
MRP ₹159
BUY ANY 1 GET ANY 1 FREE
MRP ₹289
ସ୍ମାର୍ଟ ପ୍ରାଇସ୍ ₹375
ସ୍ମାର୍ଟ ପ୍ରାଇସ୍ ₹99/ ₹121
ସ୍ମାର୍ଟ ପ୍ରାଇସ୍ ₹589
BUY 1 GET 1 FREE
MRP ₹12
BUY ANY 2 GET ANY 1 FREE
MRP ₹130
BUY ANY 3 GET ANY 1 FREE
MRP ₹38
BUY ANY 2 GET ANY 1 FREE
MRP ₹100
₹25
MRP ₹190
ସ୍ମାର୍ଟ ପ୍ରାଇସ୍ ₹165
25%
MRP ₹15
ସ୍ମାର୍ଟ ପ୍ରାଇସ୍ ₹44
ସ୍ମାର୍ଟ ପ୍ରାଇସ୍ ₹59
ସ୍ମାର୍ଟ ପ୍ରାଇସ୍ ₹975
ସ୍ମାର୍ଟ ପ୍ରାଇସ୍ ₹181
MRP ₹250
BUY ANY 2 GET ANY 1 FREE
MRP ₹175
50%
MRP ₹555
ସ୍ମାର୍ଟ ପ୍ରାଇସ୍ ₹278
BUY ANY 1 GET ANY 1 FREE
MRP ₹275
50%
MRP ₹99
ସ୍ମାର୍ଟ ପ୍ରାଇସ୍ ₹50
33%
MRP ₹430
ସ୍ମାର୍ଟ ପ୍ରାଇସ୍ ₹288
Prestige
35%
MRP ₹3110
ସ୍ମାର୍ଟ ପ୍ରାଇସ୍ ₹2021
ମହିଳା
କୁର୍ତ୍ତା ₹999
ପୁରୁଷ
କୁର୍ତ୍ତା ₹599
ଜ୍ୟାକେଟ୍ ₹699
ପିଲାମାନଙ୍କ
LA OPALA
ସ୍ମାର୍ଟ ପ୍ରାଇସ୍ ₹799
MRP ₹1825
HAPPY LIVING Ulhaas raymond TRIDENT
BUY 1 GET 2 FREE
MRP ₹1199
KAMILIANT
ସ୍ମାର୍ଟ ପ୍ରାଇସ୍ ₹1899
MRP ₹7500
LYF
ସ୍ମାର୍ଟ ପ୍ରାଇସ୍ ₹1299
MRP ₹2799
*T & C Apply.
fresh Signature
10% INSTANT DISCOUNT*
SBI card
#Min. Trxn.: ₹3,000; Max. Discount: ₹500 once per credit card. Validity: 30 Sep - 04 Oct 2023. T&C Apply.
Paytm CASHBACK
UP TO ₹300
Min. payment of ₹1000
Get ₹50 Assured Cashback. Offer Valid Once per user from 30th Sept to 4th Oct 2023
Paytm Postpaid
Paytm Bank Wallet